

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର, ୩୦ ଜୁନ୍ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 30 JUNE 2022

Vol.No. 35 ■ No. 169 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022

ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ବାଲେଶ୍ୱର-୧

ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ପ୍ରାପ୍ତିସ୍ଥାନ

ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧

ସୁପ୍ରିମକୋର୍ଟ ଝଟକା ପରେ ଇସ୍ତଫା ଦେଲେ ଉଦ୍ଧବ ଠାକରେ

ମୁମ୍ବାଇ,୨୯/୦୬ (ନି.ପ୍ର): ଆସ୍ଥା ଭୋଟର ସମ୍ମୁଖୀନ ହେବା ପୂର୍ବରୁ ହାର ମାନି ନେଇଛନ୍ତି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ। ଆଜି ସୁପ୍ରିମକୋର୍ଟ ଆସ୍ଥା ଭୋଟ ବା ଫ୍ଲୋର ଟେଷ୍ଟ ଉପରେ ରୋକ ଲଗାଇବାକୁ ମନା କରିବା କ୍ଷଣି ଉଦ୍ଧବ ଠାରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ଏଥିସହ ସେ ମହାରାଷ୍ଟ୍ର ବିଧାନ ପରିଷଦରୁ ମଧ୍ୟ ଇସ୍ତଫା ଦେଇଛନ୍ତି। ସେ ଫେସବୁକ ଜରିଆରେ ରାଜ୍ୟବାସୀଙ୍କୁ ସମ୍ବୋଧନ କରି ପଦ ଛାଡୁଥିବା କଥା କହିଛନ୍ତି। ଉଦ୍ଧବ ଠାକରେଙ୍କ ଇସ୍ତଫା ସହ ମହାରାଷ୍ଟ୍ରରେ ଚାଲିଥିବା ମହା ବିକାଶ ଅଘାଡ଼ି(ଏମଭିଏ) ସରକାରର ପତନ ଘଟିଛି। ଏହି ମେଣ୍ଟ ସରକାରରେ ଶିବସେନା, ଏନସିପି ଓ କଂଗ୍ରେସ ରହିଥିଲେ। ତେବେ ଶିବସେନାର ୪୦ରୁ ଅଧିକ ବିଧାୟକ ବିଦ୍ରୋହ ଘୋଷଣା କରିବାକୁ ଏମଭିଏ ସରକାର ସଙ୍କଟ ମଧ୍ୟକୁ ଠେଲି ହୋଇ ଯାଇଥିଲା। ଏବେ ଏହି ସଙ୍କଟକୁ ଦୃଷ୍ଟିରେ ରଖି ଉଦ୍ଧବ ଠାକରେ ମୁଖ୍ୟମନ୍ତ୍ରୀ ପଦ ଛାଡ଼ି ଦେଇଛନ୍ତି। ଆଜି ମଧ୍ୟାହ୍ନରେ ରାଜ୍ୟପାଳ ଭଗତ ସିଂହ କୋଶୟାରୀ ତାଙ୍କୁ ଗୁରୁବାର ଦିନ ୧୧.୦୫ ସୁଦ୍ଧା ବିଧାନସଭାରେ ସଂଖ୍ୟା ଗରିଷ୍ଠତାର ପ୍ରମାଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଶିବସେନାର ମୁଖ୍ୟ ସଚେତନ ସୁନୀଲ ପ୍ରଭୁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ସୁପ୍ରିମକୋର୍ଟ ସବୁ ପକ୍ଷଙ୍କ ଯୁକ୍ତି ପ୍ରାୟ ୩ ଘଣ୍ଟା ୨୭ ମିନିଟ ଯାଏ ଶୁଣିବା ପରେ ଶିବସେନାର ଆବେଦନକୁ ଖାରଜ କରିଥିଲେ। ଏହାର ଅର୍ଥ ସୁପ୍ରିମକୋର୍ଟ ରାଜ୍ୟପାଳଙ୍କ ନିର୍ଦ୍ଦେଶକୁ କାଏମ ରଖିଥିଲେ। ଏହି ରାୟ ପରେ ଶାସନ କରିବାକୁ ସଂଖ୍ୟା ହରାଇ ସାରିଥିବା ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ଫେସବୁକରେ ଲାଇଭ ଆସି ରାଜ୍ୟବାସୀଙ୍କୁ ସମ୍ବୋଧନ କରିଥିଲେ। ଏହି ସମୟରେ ସେ କହିଛନ୍ତି, ସମର୍ଥନ ପାଇଁ ଏନସିପି ସୁପ୍ରିମୋ ଶରଦ ପାୱାର ଓ କଂଗ୍ରେସର ଅନ୍ତରୀଣ ଅଧ୍ୟକ୍ଷ ସୋନିଆ ଗାନ୍ଧିଙ୍କୁ ଧନ୍ୟବାଦ। ଦୀର୍ଘ ଅଢ଼େଇ ବର୍ଷ କାଳ ସେମାନଙ୍କ ସମର୍ଥନରେ ଏମଭିଏ ସରକାର ରାଜ୍ୟରେ ଅନେକ ଭଲ କାମ କରିଛି। ତେବେ ନିଜ ଲୋକଙ୍କ ବିଦ୍ରୋହ ଯୋଗୁ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଉଛନ୍ତି। ଉଦ୍ଧବ କହିଛନ୍ତି, "ଆମେ ସୁପ୍ରିମକୋର୍ଟଙ୍କ ରାୟକୁ ସମ୍ମାନ କରୁଛୁ। ଗଣତନ୍ତ୍ରର ନିୟମ ପାଳନ ହେବା ଦରକାର। ଏନସିପି ଓ କଂଗ୍ରେସର ସବୁ ଲୋକଙ୍କୁ ମୁଁ ଧନ୍ୟବାଦ ଜଣାଉଛି। ଖରାପ ସମୟ ଆମ ସରକାରକୁ ଝଟକା ଦେଇଛି। ବିଦ୍ରୋହ ଘୋଷଣା କରିଥିବା ବିଧାୟକମାନଙ୍କୁ ସେମାନଙ୍କ ଇଚ୍ଛା ଅନୁସାରେ ସବୁ କିଛି ଦେଇଥିଲି। ହେଲେ ଏବେ ସେମାନେ ମୋତେ ଧୋକା ଦେଇଛନ୍ତି। ମୁଁ ଚାହୁଁନି ଶିବ ସୈନିକ ରାସ୍ତାକୁ ଓହ୍ଲାନ୍ତୁ।" ଫେସବୁକରେ ଇସ୍ତଫା ସମ୍ପର୍କରେ ଘୋଷଣା କରିବା ପରେ ଶ୍ରୀ ଠାକରେ ରାଜଭବନରେ ପହଞ୍ଚିଥିଲେ। ସେଠାରେ ସେ ତାଙ୍କ ଇସ୍ତଫା ପତ୍ର ରାଜ୍ୟପାଳଙ୍କୁ ହସ୍ତାନ୍ତର କରିଛନ୍ତି। ଅନ୍ୟପକ୍ଷରେ ବିଜେପି ସରକାର ଗଠନ କରିବାକୁ ତତ୍ପରତା ପ୍ରକାଶ କରିଛି। ଦେବେନ୍ଦ୍ର ଫଡନାଭିସଙ୍କ ନେତୃତ୍ୱରେ ବିଜେପି ବିଧାୟକମାନେ ହୋଟେଲ ତାଜ ପ୍ରେସିଡେଣ୍ଟରେ ବୈଠକ କରୁଛନ୍ତି। ଏହି ବୈଠକରେ ସମ୍ଭବତଃ ଫଡନାଭିସଙ୍କୁ ବିଧାୟକ ଦଳ ନେତା ଭାବେ ଚୟନ କରାଯାଇ ପାରେ। ସେ ବୈଠକ ପରେ ରାଜ୍ୟପାଳଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଜଣାଇ ପାରନ୍ତି।

ଉଦୟପୁର ହତ୍ୟା ମାମଲା: 'ମାଦ୍ରାସାରେ ଦିଆଯାଉଛି ଗଳା କାଟିବାର ଟ୍ରେନିଂ': କେରଳ ରାଜ୍ୟପାଳଙ୍କ ବୟାନ

ନୂଆଦିଲ୍ଲୀ, ୨୯/୦୬ : ରାଜସ୍ଥାନ ଉଦୟପୁର ହତ୍ୟା ମାମଲାରେ ଜଣେ ଟେଲରଙ୍କୁ ନିର୍ମମ ହତ୍ୟା କରାଯାଇଥିଲା । ଏହା ଉପରେ କେରଳର ରାଜ୍ୟପାଳ ଆରିଫ ମହମ୍ମଦ ଖାନ ବିବାଦୀୟ ବୟାନ ରଖିଛନ୍ତି । ସେ କହିଛନ୍ତି ମାଦ୍ରାସାରେ ପାଠପଢାଯାଉଛି ଯେ, ଗଳାକାଟି ସମସ୍ତଙ୍କୁ ସଜା ଦିଆଯିବ । ମୁସଲିମ ଆଇନ କୁରୋନରୁ ଆସିନଥାଏ । ଏହାକୁ ଜଣେ ବ୍ୟକ୍ତି ଲେଖିଥାଏ । ଏଥିରେ ମୁଣ୍ଡ କାଟିବାର ଆଇନ ରହିଛି ଏବଂ ଏହି ଆଇନ ପିଲାମାନଙ୍କୁ ମାଦ୍ରାସାରେ ପଢାଯାଉଛି । ସେପଟେ ବିଜେପି ରାଜସ୍ଥାନରେ ଏହି ହତ୍ୟା ଘଟଣାକୁ ଆତଙ୍କବାଦୀ ଆକ୍ରମଣ କହିଛି । ବିଜେପି ପକ୍ଷରୁ କୁହାଯାଇଛି ଏହା କୌଣସି ସାମାନ୍ୟ ହତ୍ୟାକାଣ୍ଡ ନୁହେଁ । ଏହା ଆତଙ୍କବାଦୀ ଆକ୍ରମଣ । ଦଳର ରାଷ୍ଟ୍ରୀୟ ମୁଖପାତ୍ର ତଥା ବିଜେପି ସାଂସଦ ରାଜ୍ୟବର୍ଦ୍ଧନ ସିଂ ରାଠୋର ଅଭିଯୋଗ କରିଛନ୍ତି, ରାଜସ୍ଥାନରେ ମୌଳବାଦୀଙ୍କ ଆଡ୍ଡାସ୍ଥଳୀ ବନିଯାଇଛି । ଦେଶ ବାହାରର ଆତଙ୍କବାଦୀ ସଂଗଠନକୁ ଆଗକୁ ବଢିବାରେ ରାଜ୍ୟର ଭୂମିକୁ ବ୍ୟବହାର କରାଯାଉଛି ।

ଅଗଷ୍ଟ ୬ରେ ଉପ ରାଷ୍ଟ୍ରପତି ନିର୍ବାଚନ

ନୂଆଦିଲ୍ଲୀ, ୨୯/୦୬ : ରାଷ୍ଟ୍ରପତି ନିର୍ବାଚନ ପରେ ଦେଶରେ ଅନୁଷ୍ଠିତ ହେବ ଉପ ରାଷ୍ଟ୍ରପତି ପଦ ପାଇଁ ଭୋଟ। ଆସନ୍ତା ଅଗଷ୍ଟ ୬ ତାରିଖରେ ଉପ ରାଷ୍ଟ୍ରପତି ନିର୍ବାଚନ ହେବ ବୋଲି ଆଜି ତାରିଖ ଘୋଷଣା କରାଯାଇଛି। ବର୍ତ୍ତମାନ ଦେଶର ଉପ ରାଷ୍ଟ୍ରପତି ଭାବେ କାର୍ଯ୍ୟ କରୁଥିବା ଭେଙ୍କୟା ନାଇଡୁଙ୍କ କାର୍ଯ୍ୟକାଳ ଅଗଷ୍ଟ ମାସରେ ଶେଷ ହେବ। ତେଣୁ ସେ ଅବସର ନେବା ପୂର୍ବରୁ ହିଁ ନୂଆ ଉପ ରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଉପ ରାଷ୍ଟ୍ରପତି ରାଜ୍ୟସଭାର ଅଧ୍ୟକ୍ଷତା କରିବାର ପ୍ରାବଧାନ ରହିଛି। ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି ଯେ ଉପ ରାଷ୍ଟ୍ରପତି ନିର୍ବାଚନ ପାଇଁ ଜୁଲାଇ ୫ରେ ବିଜ୍ଞପ୍ତି ପ୍ରକାଶ ପାଇବ। ଯଦି ଭାରତର ପରବର୍ତ୍ତୀ ଉପ ରାଷ୍ଟ୍ରପତି ଚୟନ ପାଇଁ ନିର୍ବାଚନର ଆବଶ୍ୟକ ପଡ଼େ, ତା'ହେଲେ ଏହା ଅଗଷ୍ଟ ୬ରେ ଅନୁଷ୍ଠିତ ହେବ। ଅଗଷ୍ଟ ୬ରେ ଭୋଟ ଗ୍ରହଣ ସହ ଗଣତି ହେବ। ଗଣତି ପରେ ସେହିଦିନ ରେଜଲ୍ଟ ମଧ୍ୟ ପ୍ରକାଶ ପାଇବ। ଉପ ରାଷ୍ଟ୍ରପତି ପଦ ପାଇଁ ନାମାଙ୍କନ ଦାଖଲର ଶେଷ ତାରିଖ ହେଉଛି ଜୁଲାଇ ୧୯। ଜୁଲାଇ ୨୦ ତାରିଖରେ ନାମାଙ୍କ ଯାଞ୍ଚ ଓ ୨୨ ତାରିଖ ହେଉଛି ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ। ଅଗଷ୍ଟ ୬ ତାରିଖ ଦିନ ୧୦ଟାରୁ ସନ୍ଧ୍ୟା ୫ଟା ଯାଏ ଭୋଟ ଗ୍ରହଣ ହେବ। ଏହାପରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ କରାଯିବ ବୋଲି କମିଶନ ପକ୍ଷରୁ କୁହାଯାଇଛି। ଜୁଲାଇ ୧୮ରେ ଦେଶରେ ରାଷ୍ଟ୍ରପତି ନିର୍ବାଚନ ହେବ। ୨୧ ତାରିଖରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ। ରାଷ୍ଟ୍ରପତି ପଦ ପାଇଁ ବିଜେପି ନେତୃତ୍ୱାଧୀନ ଏନଡିଏ ଦ୍ରୌପଦୀ ମୁର୍ମୁଙ୍କୁ ପ୍ରାର୍ଥୀ କରିଥିବା ବେଳେ ଯଶୱନ୍ତ ସିହ୍ନା ବିରୋଧୀ ମେଣ୍ଟର ପ୍ରାର୍ଥୀ ହୋଇଛନ୍ତି। ଏନଡିଏ ପାଖରେ ନିର୍ବାଚନ ଜିତିବା ପାଇଁ ଆବଶ୍ୟକ ସଂଖ୍ୟା ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ଦେଶର ପରବର୍ତ୍ତୀ ରାଷ୍ଟ୍ରପତି ହେବା ଏକ ପ୍ରକାରର ନିଶ୍ଚିତ ହୋଇଛି।

ବଲାଙ୍ଗିର ଡାକ୍ତରୀ ଛାତ୍ରଙ୍କ ମୃତ୍ୟୁ ମାମଲାର ତଦନ୍ତ ଆରମ୍ଭ କଲା ଏନଏଚଆରସି ଟିମ୍

ଭୁବନେଶ୍ୱର, ୨୯/୦୬ (ନି.ପ୍ର): ଏନଏଚଆରସିର ଏକ ଟିମ୍ ଡାକ୍ତରୀ ଛାତ୍ର ନିଶାନ୍ତଙ୍କ ମୃତ୍ୟୁର ତଦନ୍ତ ପାଇଁ ବଲାଙ୍ଗୀରରେ ପହଂଚିଛନ୍ତି । ମଙ୍ଗଳବାର ବଲାଙ୍ଗୀରରେ ପହଂଚିବା ପରେ ସ୍ଥାନୀୟ ସର୍କିଟ୍ ହାଉସରେ ରାତ୍ରିଯାପନ କରିବା ପରେ ସେମାନେ ବୁଧବାର ସକାଳ ୯ଟାରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜରେ ପହଂଚି ଟିମ୍ ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଥିବା ଜଣା ପଡିଛି । ମିଳିଥିବା ସୂଚନା ଅନୁସାରେ ରାଷ୍ଟ୍ରୀୟ ମାନବିକ ଅଧିକାର କମିଶନର ଏହି ତିନି ଜଣିଆ ଟିମ୍ ଛାତ୍ରଙ୍କ ମୃତ୍ୟୁକୁ ନେଇ ତଦନ୍ତ କରିବ । ଏହି ଟିମର ସଦସ୍ୟ ମାନେ କଲେଜ ଡିନ୍‌ଙ୍କଠାରୁ ଆରମ୍ଭ କରି ଏଚଓଡି, ସହପାଠୀ, ଷ୍ଟାଫ୍ ସହ ଆଂଟି ରାଗିଂ ସେଲର ସଦସ୍ୟ ମାନଙ୍କୁମଧ୍ୟ ଏହି ଟିମ୍ ପଚରାଉଚରା କରିବ । ତଦନ୍ତ କଲେଜରୁ ଆରମ୍ଭ କରାଯାଇଥିବା ବେଳେ ହଷ୍ଟେଲ ସହ ବିଭିନ୍ନ ଦିଗକୁ ନେଇ ଟିମ୍ ତଦନ୍ତ କରିବ ।

ବିଜେପିର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ : ୨୦୨୪ ପାଇଁ ରାଜନୈତିକ ପ୍ରସ୍ତାବ ପାରିତ

ଭୁବନେଶ୍ୱର, ୨୯/୦୬ (ନି.ପ୍ର): ବୁଧବାର ରାଜ୍ୟ ବିଜେପିର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଭାପତି ସମୀର ମହାନ୍ତି ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜନୈତିକ ପରିସ୍ଥିତି ସମ୍ପର୍କରେ ଆଲୋଚନା ହେବା ସହ ଆଗାମୀ ଦିନ ପାଇଁ ପାର୍ଟିର ରଣନୀତି ସମ୍ପର୍କରେ ବିଚାର ଆଲୋଚନା ହୋଇଛି । ରାଜ୍ୟରେ ଦଳୀୟ ସଙ୍ଗଠନକୁ ତୃଣମୂଳ ସ୍ତରରୁ ମଜଭୁତ କରିବା ସହିତ ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ପାଇଁ ରୋଡ଼ମ୍ୟାପ ପ୍ରସ୍ତୁତ ଲକ୍ଷ୍ୟରେ ୧୬ଟି ରାଜନୈତିକ ଚିଠା ପ୍ରସ୍ତାବ ଗୃହୀତ ସହିତ ଶେଷ ହୋଇଛି ବିଜେପିର ରାଜ୍ୟ କାର୍ଯ୍ୟକାରିଣୀ। ଏଥି ସହିତ ଆଗାମୀ ତିନି ମାସ ଧରି ଦଳର ଷ୍ଟ୍ରାଟେଜି କଣ ରହିବ ସେ ନେଇ ଦଳର ନେତା ଓ ଅଧିକାରୀଙ୍କୁ ଦିଆଯାଇଛି ଗୁରୁମନ୍ତ୍ର। ବୈଠକ ପରେ ବିଜେପି ରାଜ୍ୟ କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ କହିଛନ୍ତି ମୋଦି ସରକାର ଓଡ଼ିଶା ଭଳି ରାଜ୍ୟର ବିକାଶ ପାଇଁ ଟ୍ରେଜେରି ଖୋଲି ଦେଇଛନ୍ତି। ରାଜ୍ୟକୁ ପର୍ଯ୍ୟାପ୍ତ ଟଙ୍କା ଯୋଗାଇ ଦେଉଛନ୍ତି। ମାତ୍ର ଯେଉଁ ଟଙ୍କା ଆସୁଛି ତାହା ଲୋକଙ୍କ ପାଖରେ ପହଂଚି ପାରୁ ନାହିଁ। ରାଜ୍ୟର ବିକାଶ କରିବା ଦିଗରେ ଓଡ଼ିଶା ସରକାର ବାଧକ ସାଜିଛନ୍ତି। ଗତ ୨୩ ବର୍ଷର ଏହି ସରକାରଙ୍କର କୌଣସି ଭିଜନ ନାହିଁ। ଓଡ଼ିଶାର ବିକାଶ ପ୍ରସଙ୍ଗ ବିଜୁ ଜନତା ଦଳର ଭିଜନ ନୁହେଁ, ବରଂ କଳେ ବଳେ କୌଶଳ କ୍ରମେ କ୍ଷମତାରେ ରହିବା ହେଉଛି ବିଜୁ ଜନତା ଦଳର ଲକ୍ଷ୍ୟ। ରାଜ୍ୟରେ ଦୁର୍ନୀତି ଚରମ ସୀମାରେ ପହଁଚିଛି। ଚାଷୀଙ୍କ ଆୟ ପ୍ରସଙ୍ଗରେ ତଳ ଆଡୁ ଦୁଇ ନମ୍ବରରେ ରହିଛି ଓଡ଼ିଶା। ▶▶ପୃଷ୍ଠା ୭

ଚାନ୍ଦିପୁରରୁ ଲକ୍ଷ୍ୟ – ଅଭ୍ୟାସର ସଫଳ ପରୀକ୍ଷଣ

ଭୁବନେଶ୍ୱର, ୨୯/୦୬ (ନି.ପ୍ର): ଓଡିଶାର ଉପକୂଳରେ ରହିଥିବା ଚାନ୍ଦିପୁରର ଇଂଟିଗ୍ରେଟେଡ୍ ଟେଷ୍ଟ ରେଂଜ (ଆଇଟିଆର)ରୁ ଦ୍ରୁତ ଗତି ସମ୍ପନ୍ନ ଉପଭୋଜିତ ଆକାଶମାର୍ଗୀୟ ଲକ୍ଷ୍ୟ (ଏଚ୍‌ଇଏଟି) - ଅଭ୍ୟାସର ଆଜି ସଫଳତାପୂର୍ବକ ଉଡାଣ ପରୀକ୍ଷଣ କରା ଯାଇଛି । ଉଡାଣର ପରୀକ୍ଷଣ ସମୟରେ ବିମାନର ନିମ୍ନ ଉଚ୍ଚତାରେ ସ୍ଥାୟୀ ସ୍ତରକୁ ମିଶାଇ ପରିଚାଳନାଗତ କୌଶଳ ପ୍ରଦର୍ଶିତ ହୋଇଥିଲା । ଏହି ଲକ୍ଷ୍ୟଭେଦୀ ବିମାନଟି ପୂର୍ବରୁ ପ୍ରସ୍ତୁତ ହୋଇଥିବା ନିୟନ୍ତ୍ରଣକାରୀ ସ୍ଥଳରୁ ଉଡିବା ଆରମ୍ଭ କରିଥିଲା, ଯାହା ଏକ ପୂର୍ବ ନିର୍ଦ୍ଧାରିତ ନିମ୍ନ ଉଚ୍ଚତାରେ ରହିଥିବା ଉଡାଣ ପଥରେ ଏକ ଭୂପୃଷ୍ଠ ଆଧାରିତ ନିୟନ୍ତ୍ରକ ଦ୍ୱାରା ଉଡା ଯାଇଥିଲା, ଯାହା ଉପରେ ରାଡାର ତଥା ଇଲେକ୍ଟ୍ରୋ ଅପଟିକାଲ୍ ଟାର୍ଗେଟିଂ ସିଷ୍ଟମ୍ ସହିତ ଆଇଟିଆର୍ ଦ୍ୱାରା ନିୟୋଜିତ କରା ଯାଇଥିବା ବିଭିନ୍ନ ଗତିପଥ ନିରୀକ୍ଷକ ସେନ୍‌ସର ଗୁଡିକ ଦ୍ୱାରା ନିରୀକ୍ଷଣ କରା ଯାଇଥିଲା । ଅଭ୍ୟାସର ଡିଜାଇନ୍ ଏବଂ ତା'ର ବିକାଶ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଙ୍ଗଠନ (ଡିଆରଡିଓ)ର ବିମାନ ସମ୍ପର୍କିତ ବିକାଶ ପ୍ରତିଷ୍ଠାନ ଦ୍ୱାରା କରା ଯାଇଛି। ଏହି ବିମାନକୁ ଟ୍ୱିନ୍ ଅଣ୍ଡର ସ୍ଲଗ୍ ବୁଷ୍ଟର, ▶▶ପୃଷ୍ଠା ୭

ବିଧାନସଭା ୬ ଘଂଟା ଚାଲିବ : ସର୍ବଦଳୀୟ ବୈଠକରେ ନିଷ୍ପତ୍ତି

ଭୁବନେଶ୍ୱର, ୨୯/୦୬ (ନି.ପ୍ର): ଆଗାମୀ ୨ ତାରିଖରୁ ମୌସୁମୀ ଅଧିବେଶନରେ ପ୍ରତ୍ୟେକ ଦିନ ବିଧାନସଭାର ଗୃହ କାର୍ଯ୍ୟ ୫ ଘଂଟା ପରିବର୍ତ୍ତେ ୬ ଘଂଟା ଯାଏ ଚାଲିବ । ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଏହି ନିଷ୍ପତି ଗ୍ରହଣ କରାଯାଇଛି । ସକାଳ ଅଧିବେଶନ ୧୦.୩୦ରୁ ୧.୩୦ ଓ ଅପରାହ୍ନ ଅଧିବେଶନ ୪ଟା ରୁ ୭ ପର୍ଯ୍ୟନ୍ତ ଚାଲିବ। ନେଇ ସର୍ବଦଳୀୟ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି। କୋଭିଡ୍ ଦୃଷ୍ଟିରୁ ପୂର୍ବ ଅଧିବେଶଗୁଡ଼ିକରେ ଗୃହକାର୍ଯ୍ୟ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ଚାଲୁଥିବାବେଳେ ବୈଠକର ନିଷ୍ପତି ଅନୁଯାୟୀ ଗୃହରେ ଆଲୋଚନା ପାଇଁ ଅପରାହ୍ନ ଅଧିବେଶନଗୁଡ଼ିକୁ ସନ୍ଧ୍ୟା ୭ ଘଟିକା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ବୋଲି ବାଚସ୍ପତି କହିଛନ୍ତି। ବୈଠକରେ କରୋନା ସଂକ୍ରମଣ କମି ଥିବାରୁ ସ୍ୱାଭାବିକ ଭାବେ ଚାଲୁ ବୋଲି ପ୍ରସ୍ତାବ ଆସିଥିଲା। କିନ୍ତୁ ବାଚସ୍ପତି ଓ ସରକାରୀ ଦଳ କହିଲେ ବର୍ତମାନ କୋଭିଡ ବଢୁଥିବାରୁ ରିସ୍କ ନେଇ ହେବନି। ସେହିପରି ବୈଠକରେ ବିରୋଧୀ ବିଜେପି ଓ କଂଗ୍ରେସ ପକ୍ଷରୁ ସାମ୍ବାଦିକ ମାନଙ୍କୁ ଗୃହ କୁ ଛାଡ଼ିବାକୁ ଦାବି କରା ଯାଇଥିଲା । ସରକାର ଏହାକୁ ନେଇ ରାଜି ହେଲେ ନାହିଁ । ହେଲେ ଚୁଡାନ୍ତ ନିଷ୍ପତି ବାଚସ୍ପତି ନେବେ ବୋଲି ବୈଠକରେ ସୂଚନା ଦିଆଯାଇଛି । ବୈଠକରେ ▶▶ପୃଷ୍ଠା ୭

ବାଲେଶ୍ୱରରେ କଂଗ୍ରେସର ଜନସମ୍ପର୍କ ସାଧାରଣ ସଭା

କଂଗ୍ରେସ କ୍ଷମତାକୁ ଆସିଲେ ୨୦୦ ୟୁନିଟ ବୁଦ୍ୟୁତ ଟକସ ଛାଡ଼ ହେବ: ଶରତ ପଟ୍ଟନାୟକ

ବାଲେଶ୍ୱର,୨୯/୦୬ (ନି.ପ୍ର): ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ବାଲେଶ୍ୱର ଗସ୍ତ ଅବସରରେ ସ୍ଥାନୀୟ ଆଇଟିଆଇ ପଡ଼ିଆରେ ଏକ ସାଧାରଣ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗଦେଇ ଶ୍ରୀ ପଟ୍ଟନାୟକ ରାଜ୍ୟର ବିଜେଡି ଓ କେନ୍ଦ୍ରର ବିଜେଡି ମଧ୍ୟରେ ଥିବା ଭିତିରି ସମ୍ପର୍କ ଓ ସାମ୍ପ୍ରତିକ ସ୍ଥିତିରେ ଚାଲିଥିବା ଦୁର୍ନୀତିଯୁକ୍ତ ଶାସନ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ସବୁଠାରେ ବଢ଼ି ଚାଲିଥିବା ଉଭୟ ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ। ବିକାଶ ନାମରେ କାର୍ଯ୍ୟକାରୀ ଶହ ଯୋଜନାରେ ଜନସାଧାରଣଙ୍କୁ ସୁଫଳ ମିଳୁ ନିଥିବା ଶ୍ରୀ ପଟ୍ଟନାୟକ କହିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଶାସନ କାଳରେ ବାଲେଶ୍ୱରରେ ପ୍ରତିଷ୍ଠା ହୋଇଥିବା ଶହଶହ ଶିଳ୍ପାନୁଷ୍ଠାନ ଏବେ ବନ୍ଦ ହୋଇଯାଇଛି। ବେକାରୀ ସମସ୍ୟା ଉତ୍କଟ ହେବାରେ ଲାଗିଛି। ଓଡ଼ିଶା ସମେତ ଦେଶ ପାଇଁ ଏବେ ଏକମାତ୍ର ବିକଳ୍ପ ହୋଇଛି କଂଗ୍ରେସ। ୨୦୨୪ରେ ରାଜ୍ୟରେ କଂଗ୍ରେସ କ୍ଷମତାକୁ ଆସିବା ପରେ ସମସ୍ତଙ୍କ ପାଇଁ ୨ଶହ ୟୁନିଟର ବିଦ୍ୟୁତ ଟିକସ ଛାଡ଼ କରାଯିବ ବୋଲି ଶ୍ରୀ ପଟ୍ଟନାୟକ ପ୍ରତିଶ୍ରୁତି ଦେଇଥିଲେ। ଦଳୀୟ ସଂଗଠନକୁ ସୁଦୃଢ଼ କରିବା ପାଇଁ ସେ କଗ୍ରେସ କର୍ମୀ ଓ ନେତାଙ୍କୁ ପରାମର୍ଶ ଦେଇଥିଲେ। ଜିଲା କଂଗ୍ରେସ ସଭାପତି ସଞ୍ଜୀବ ଗିରିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲେଶ୍ୱର ସଂସଦୀୟ କ୍ଷେତ୍ର ନେତା ନବଜ୍ୟୋତି ପଟ୍ଟନାୟକ, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ପିସିସି ଉପ-ସଭାପତି ସୁରେଶ ମହାପାତ୍ର, ପିସିସି ଉପ-ସଭାପତି ଶୁଭେନ୍ଦୁ ମହାନ୍ତି, ପୂର୍ବତନ ବ

ଡେଙ୍ଗୁ ସଚେତନତା ରଥ ଉଦଘାଟନ

ମାଲକାନଗିରି,୨୯/୦୬ (ନି.ପ୍ର): ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ଅଧୀନରେ ଥିବା ବିଭିନ୍ନ ଗ୍ରାମ ଗୁଡିକରେ ଡେଙ୍ଗୁ ଜ୍ୱର ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଡେଙ୍ଗୁ ନିରାକରଣ ନିମନ୍ତେ ଜିଲ୍ଲା ତଥା ବ୍ଲକ ପ୍ରଶାସନ ଉଦ୍ୟମ ଜାରି ରଖିଛି । ଏହି କ୍ରମରେ କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଆର , ପ୍ରତୀକ ପ୍ରିୟଦର୍ଶୀ ଏବଂ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ମହନ୍ତଙ୍କ ଉଦ୍ୟମରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟ କର୍ମୀ , ଆଶା କର୍ମୀ ଏବଂ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ମାଧ୍ୟମରେ ପ୍ରତି ଗ୍ରାମରେ ସଚେତନତା କରାଯାଉଛି । ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟରେ ପୋରୋବର୍ତନ ଅନୁଷ୍ଠାନ ଆନୁକୂଲ୍ୟରେ ଅଜିମ୍ ପ୍ରେମ୍ଜୀ ଫାଉଣ୍ଡେସନ ସହାୟତାରେ ଡେଙ୍ଗୁସଚେତନତା ରଥର ଉଦ୍ଘାଟନ କରାଯାଇ ଏକ ଅଭିନବ ପ୍ରୟାସରେ ସଚେତନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟର ଡା. ମହନ୍ତଙ୍କ ନିର୍ଦ୍ଦେଶକ୍ରମେ ଡା . ଅଭିଜିତ ଶତପଥୀ ଏହି ରଥର ଉଦ୍ଘାଟନ କରିଥିଲେ । ଏହି ଉଦ୍ଘାଟନ କାର୍ଯ୍ୟକ୍ରମରେ ଡା . ଯସ୍ମିନ ବେହେରା, ଆକାଙ୍ଗଟାଟ ରାଜେନ୍ଦ୍ର ଦାଶ, ପୋରୋବର୍ତନ ଅନୁଷ୍ଠାନର ସମ୍ପାଦକ ସନ୍ତୋଷ ଶୁକ୍ଳା ଏବଂ କର୍ମୀ ମିନା ମାଡ଼କାମି ଓ ଲକ୍ଷ୍ମୀ ନାୟକ, ସ୍ୱାସ୍ଥ୍ୟ କର୍ମୀ ଗୀତାଞ୍ଜଳି ଚର୍ଚ୍ଚି, ସ୍ୱାସ୍ଥ୍ୟ କର୍ମୀ ଅକ୍ଷୟ ନାୟକ, ଆଶା କର୍ମୀ ସାବିନା ଖିଲ, କେ. କଳାବତୀ ସିଂ, ହିଲୋ ଟାକ୍ରି, ସୁନିତା ମାଛ, ସବିତା ନାୟକ, ସୂର୍ଯ୍ୟ ଖିଲ, ପଦ୍ମା ପାଙ୍ଗି ଓ ଲକ୍ଷ୍ମୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ଚିତ୍ରକୋଣ୍ଡା ବ୍ଲକର ଉପାନ୍ତ ଅଂଚଳ ଚିତ୍ରକୋଣ୍ଡା , ଦୋରାଗୁଡା, ନୂଆଗୁଡା, ଗୁଣ୍ଡୱାଡ଼ା, କପାଟୁଟି, ପାପୁଲୁର ଓ ବଡ଼ପଦର ପଂଚାୟତ ଏବଂ ସ୍ୱାଭିମାନ ଅଂଚଳର ବଡ଼ପଡା ପାପରମେଟେଲା ପଚାଂୟତରେ ଡେଙ୍ଗୁ ନିରାକଣର ସଚେତନତା କରିବା ପାଇଁ ଏହି ରଥର ଉଦ୍ଘାଟନ କରାଯାଇଛି । ଏହି ରଥ ପ୍ରତି ଗାଁ ପରିକ୍ରମା କରି ଡାକବାଜି ଯନ୍ତ୍ର ମାଧ୍ୟମରେ ପୋରୋବର୍ତନ ଅନୁଷ୍ଠାନର କର୍ମକର୍ତା ଏବଂ ଆଶା କର୍ମୀଙ୍କ ମିଳିତ ଉଦ୍ୟମରେ ଲୋକଙ୍କୁ ସଚେତନ କରାଯିବ ବୋଲି ଜଣାପଡ଼ିଛି ।

ଶିଶୁମନ୍ଦିରରେ ସଙ୍କୁଳ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଘାଟିତ

ଭୁବନ,୨୯/୦୬ (ନି.ପ୍ର): ଭୁବନ ସରସ୍ୱତୀ ଶିଶୁମନ୍ଦିରେ ସୋମବାର ସଂଧ୍ୟାରୁ ଆରମ୍ଭ ହୋଇଥିବା ୪ ଦିନିଆ ସଙ୍କୁଳ ଆଚାର୍ଯ୍ୟ କର୍ମଶାଳା ଆଜି ଉଦଘାଟିତ ହୋଇଯାଇଛି । ଉଦଘାଟନୀ କାଳାଂଶ ଅବସରରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିଭାଗ ଧର୍ମଜାଗରଣ ପ୍ରମୁଖ ଶରତ ପାଣିଗ୍ରାହୀ ଯୋଗଦେଇ ପୁଣ୍ୟ ଭୂମି ଭାରତ ଉପରେ ସାରଗର୍ଭକ ଭାଷଣ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଭାତ କୁମାର ପଟ୍ଟନାୟକ , ସଂପାଦକ ଜଗବନ୍ଧୁ ବିହାରୀ, ସଙ୍କୁଳ ପ୍ରମୁଖ ପ୍ରଫୁଲ୍ଲ କୁମାର ସାହୁ, ସଙ୍କୁଳ ସଂଯୋଜକ ଗୌରଚନ୍ଦ୍ର ନନ୍ଦ, ପ୍ରଧାନ ଆଚାର୍ଯ୍ୟା ସୁଶ୍ରୀ ଇନ୍ଦୁଲତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା ଯୋଗଦେଇଥିଲେ ।

ବବିଙ୍କ ଜନ୍ମଦିନ ଅବସରରେ ପାଣିକୋଇଲିରେ ରକ୍ତଦାନ ଶିବିର : ୫୦ ୟୁନିଟ ରକ୍ତ ସଂଗ୍ରହ

କୋରେଇ,୨୯/୦୬ (ନି.ପ୍ର): ଯାଜପୁରର ବିଧାୟକ ତଥା ବିଜେଡିର ରାଜ୍ୟ ସାଂଗଠିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ (ବବି)ଙ୍କ ଆଜି ୫୦ତମ ଜନ୍ମ ଦିବସ । ଏହି ଉପଲକ୍ଷେ ପାଣିକୋଇଲି ଯଜାତି କ୍ଲବ ଆନୁକୂଲ୍ୟରେ କଲ୍ୟାଣ ମଣ୍ଡପ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ ୫୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । କୋରାଇ ବିଧାୟକ ଅଶୋକ କୁମାର ବଳ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ଜିଲ୍ଲା ପରିଷଦ ଅଧ୍ୟକ୍ଷା ନଳିନୀ ପ୍ରଭା ଯେନା, କୋରାଇ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳାଇ, ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ, ପାଣିକୋଇଲି ସରପଂଚ ପଦ୍ମାବତୀ ପଣ୍ଡା, ସମିତିସଭ୍ୟା ସୁଜାତା ଘଡାଇ, ପଥରପଦା ସରପଂଚ ମଧୁସ୍ମିତା ବାରିକ, ସମିତିସଭ୍ୟା ଆରତୀ ସ୍ୱାଇଁ, ପୂର୍ବତନ ସରପଂଚ କାର୍ତିକ ଚନ୍ଦ୍ର ପଣ୍ଡା, ସୂର୍ଯ୍ୟମଣି ପଣ୍ଡା, ସନ୍ତୋଷ କୁମାର ବେହେରା, ନିମାଇଁ ମଲ୍ଲିକ, ଅନିରୁଦ୍ଧ ଦାଶ, କେଶବ ରାଓ ଭୁକ୍ତା, ଅଶୋକ କୁମାର ପଣ୍ଡା, କଳ୍ପତରୁ ମହାପାତ୍ର, କାର୍ତିକ ଚନ୍ଦ୍ର ମଲ୍ଲିକ, ବିଜୟ କୁମାର ଷଡଙ୍ଗୀ, ଜୟ ପ୍ରକାଶ ବିଶ୍ୱାଳ, ଗଙ୍ଗାଧର ସାହୁ, ରଘୁନାଥ ମାଝୀ, ଗୋଲକ ମାଝୀ, ସଂଜୀବ ନାୟକ. ଜବାର ଅଲ୍ଲୀ, ସୁଦର୍ଶନ ପରିଡା, ଲକ୍ଷ୍ମୀଧର ବିଶ୍ୱାଳ, ପ୍ରଶାନ୍ତ ନାଥ, ସ୍ୱପ୍ନାନନ୍ଦ ଦାଶ. ରବିନାରାୟଣ ପଣ୍ଡା, ଦେବେନ୍ଦ୍ର ସ୍ୱାଇଁ, ଦୀପକ ରାୟଙ୍କ ସମେତ ଶତାଧିକ କର୍ମୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଅଶୋକ ଦାସ ପାଉଣ୍ଡେସନ ପକ୍ଷରୁ ପୂର୍ବତନ ପୌରପାଳ ଭବ ପ୍ରକାଶ ଦାସ ଓ ପୂର୍ଣ୍ଣ ଚନ୍ଦ୍ର ଦେଓ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଯାଜପୁରରୋଡ ରେଡକ୍ରସ ପକ୍ଷରୁ ଏଲଟି ସନ୍ଧିତ କୁମାର ମଲ୍ଲିକ, ନିରଂଜନ ଜେନା, ମୁନସଫ ରାହୁଲ ଖାନ, ସନ୍ଧ୍ୟାରାଣୀ ଭୂତିଆ ପ୍ରମୁଖ ଯୋଗଦେଇଥିଲେ ।

ନବ ନିଯୁକ୍ତ ଜିଲ୍ଲାପାଳଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ

ଭବାନୀପାଟଣା,୨୯/୦୬ (ନି.ପ୍ର): ଗତକାଲି ନବ ନିଯୁକ୍ତ କଳାହାଣ୍ଡି ଜିଲ୍ଲାପାଳ ପି. ଅନ୍ୱେଷା ରେଡିଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଜିଲ୍ଲାର ସମସ୍ତ ଅଫିସର ମାନଙ୍କୁ ଜିଲ୍ଲାରେ ଚାଲୁଥିବା ଜନ କଲ୍ୟାଣ ସରକାରୀ ଯୋଜନାକୁ ଠିକ୍ ଭାବରେ କାର୍ଯ୍ୟକାରି କରିବାକୁ ତାଗିଦ କରିବା ସହ ଜନ ସାଧାରଣଙ୍କ ସେବାରେ ଠିକ ଭାବରେ ସହଯୋଗ କରିବାକୁ ପରାମର୍ଶ କରିଥିଲେ ଏବଂ ନିର୍ଦ୍ଧିଷ୍ଟ ପାରାମିଟରର୍ସ ଫର ଡେଭେଲପମେଂଟ ଅଫ କଳାହାଣ୍ଡି, ସହ ସମସ୍ତେ ଜନ ସେବାରେ ପହଂଚିବାକୁ ପରାମର୍ଶ ଦେଇଥିଲେ । ପରେ ଅପରାହ୍ନ ପ୍ରାୟ ସାଢେ ୫ଟାରେ ଆସନ୍ତା ରଥଯାତ୍ରା ଏବଂ ବାହୁଡ଼ା ଯାତ୍ରାକୁ ସୁରୁଖୁରୁରେ ପରିଚାଳନା କରିବାକୁ ସମସ୍ତ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ। ଆଇନ ସୁରକ୍ଷା, ଭିଡ଼ ନିୟନ୍ତ୍ରଣ ଇତ୍ୟାଦି, ସମସ୍ତେ ସୁରୁଖୁରୁରେ ରଥ ଯାତ୍ରା ଓ ବାହୁଡ଼ା ଯାତ୍ରା ଦେଖି ପାରିବେ, ସେଥିପ୍ରତି ସଜାଗ ହେବାକୁ ଆଲୋଚନା କରାଯାଇଥିବା ଜଣାଯାଏ।

ସାହିତ୍ୟ ସମ୍ରାଟ ବିକ୍ରମ ଦେବ ବର୍ମାଙ୍କ ଜୟନ୍ତୀ ପାଳିତ

ଜୟପୁର ,୨୯/୦୬ (ନି.ପ୍ର): ଜୟପୁର ସ୍ଥିତ ହୋଟେଲ ମଧୁମତୀ ସଭାକକ୍ଷରେ ଓଡିଶା ସାହିତ୍ୟ ଏକାଡେମୀ, ଜୟପୁର ସାହିତ୍ୟ ପରିଷଦ ଓ ଜିଲ୍ଲା ସଂସ୍କୃତି ବିଭାଗ, କୋରାପୁଟ ତରଫରୁ ସାହିତ୍ୟ ସମ୍ରାଟ ବିକ୍ରମ ଦେବ ବର୍ମାଙ୍କ ୧୫୪ ତମ ଜୟନ୍ତୀ ପାଳିତ ହୋଇଯାଇଛି । ଜୟପୁର ସାହିତ୍ୟ ପରିଷଦର ସଭାପତି ତଥା ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ଶ୍ରୀ ଲକ୍ଷ୍ମୀକାନ୍ତ ପାଢିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ,ଜୟପୁର ଶ୍ରୀ ତାରା ପ୍ରସାଦ ବାହିନୀପତି ,ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଡ.ପ୍ରଦୀପ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଗାଳ୍ପିକ ଡ.ସୁରେଶ ଦାଶ ଏବଂ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀମତୀ ପ୍ରୀତିସୁଧା ଜେନା ଯୋଗଦାନ କରି ସାହିତ୍ୟ ସମ୍ରାଟ ବିକ୍ରମ ଦେବ ବର୍ମାଙ୍କ ଜୀବନୀ,ସାରସ୍ୱତ ସୃଷ୍ଟି ସମ୍ଭାର,ତାଙ୍କର ଜନ ହିତକର କାର୍ଯ୍ୟକ୍ରମ, ଉତ୍କଳ ପ୍ରଦେଶ ଗଠନରେ ତାଙ୍କର ଅବଦାନ ବିଷୟରେ ଆଲୋକପାତ କରିଥିଲେ ।କାର୍ଯ୍ୟକ୍ରମର ପ୍ରାରମ୍ଭରେ ଯଜ୍ଞେଶ୍ୱର ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ଆମନ୍ତ୍ରଣ କରିଥିବା ବେଳେ ଛାତ୍ରୀ ମାନଙ୍କଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା । ବିଜୟଲକ୍ଷ୍ମୀ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୁରୁ କାହ୍ନୁ ଚରଣ ପ୍ରଧାନ ଭଜନ ପରିବେଷଣ କରିଥିଲେ ।ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ ଶ୍ରୀ ପ୍ରେମାନନ୍ଦ ଦାଶଙ୍କୁ ସମ୍ମାନ ଜନକ ସାହିତ୍ୟ ସମ୍ରାଟ ବିକ୍ରମ ଦେବ ସମ୍ମାନ ଏବଂ ସୁସାହିତ୍ୟିକା ଡ.ପ୍ରୀତିଧାରା ସାମଲଙ୍କୁ ଜୟପୁର ସାହିତ୍ୟ ପରିଷଦ ସମ୍ମାନ ପ୍ରଦାନ କରାଯାଇଥିଲା । ଅଶୋକ କୁମାର ପୋଲେଇ ଧନ୍ୟବାଦ ଅର୍ପଣ କରିଥିବା ବେଳେ ନବକୃଷ୍ଣ ରଥ, ପ୍ରମୋଦ କୁମାର ରାଉଳ,ସୁଧାଂଶୁ ଶେଖର ପଟ୍ଟନାୟକ,କବିତା ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ବହୁ ପ୍ରତିଭାର ଅଧିକାରିଣୀ ଶୁଭ୍ରା ସୁଆର ସମ୍ବର୍ଦ୍ଧିତ

ଗଞ୍ଜାମ,୨୯/୦୬ (ନି.ପ୍ର): ବିଜିପୁର ମୁଖ୍ୟରାସ୍ତା ସ୍ଥିତ ସନ୍ତୋଷୀ ମା' ମନ୍ଦିର କଲ୍ୟାଣ ମଣ୍ଡପ ପରିସରରେ ସଂସ୍କାରବାଦୀ ସଂଗଠନର ସହଯୋଗରେ ପଲ୍ଲବୀ ପକ୍ଷରୁ ବହୁ ପ୍ରତିଭାର ଅଧିକାରିଣୀ ଶୁଭ୍ରା ସୁଆରଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ବରିଷ୍ଠ ସମାଜସେବୀ ତ୍ରିନାଥ ମହାରଣା ସମ୍ବର୍ଦ୍ଧିତ କରିଥିଲେ । ସଂଗଠନର ଉପସଭାପତି ପ୍ରଭାତ କୁମାର ମିଶ୍ର ସୁଶ୍ରୀ ଶୁଭ୍ରା ସୁଆରଙ୍କୁ ସଂଗୀତ, ନୃତ୍ୟ ଓ ବହୁ ପ୍ରତିଭାର ଅଧିକାରୀ ବୋଲି ସୂଚନା ଦେଇ ସମ୍ବର୍ଦ୍ଧିତ କରିଥିଲେ । ସୁଶ୍ରୀ ଶୁଭ୍ରା ଓଡିଆ, ହିନ୍ଦି ଓ ଇଂରାଜୀ ଭାଷାରେ ଜଗନ୍ନାଥ ଭଜନ ଗାନ କରି ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିଲେ । ସେ ଶିକ୍ଷା ସମାପ୍ତ କରି ୟୁଟ୍ୟୁବ ଚ୍ୟାନଲରେ ନିଜର ଗୀତଗାଇ ହଜାର ହଜାର ଶ୍ରୋତାଙ୍କ ମନ ଜିଣି ପାରିଛନ୍ତି । ତାଙ୍କର ଏହି ପ୍ରତିଭାକୁ ସେଠାରେ ଉପସ୍ଥିତ ଥିବା ସମାଜସେବୀ ସଞ୍ଜୟ ମାଝି ଓ ସାମ୍ବାଦିକମାନେ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିଲେ ।

ଏହି କାର୍ଯ୍ୟକ୍ରମରେ ତାଙ୍କ ମା' ଡଃ. ବାସନ୍ତୀବାଳା ପାଣିଗ୍ରାହୀ, ପିତା ଓ ସଂଗୀତ ଗୁରୁଙ୍କ ପ୍ରେରଣାରେ ତାଙ୍କୁ ଆଗଧାଡିର କଳାକାର ଓ କଣ୍ଠଶିଳ୍ପୀର ପରିଚୟ ଦେଇଛି ବୋଲି ସୁଶ୍ରୀ ଶୁଭ୍ରା କହିଛନ୍ତି । ଏହି ସଭାରେ ସୁବାସ ଚନ୍ଦ୍ର ସୁବୁଦ୍ଧି, ଲିଙ୍ଗରାଜ ମହାପାତ୍ର, ବିଜୟ କୁମାର ପଟ୍ଟନାୟକଙ୍କ ସହ ବହୁ କଳାପ୍ରେମି ଯୋଗ ଦେଇ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ ।

ରାଉରକେଲା ଭିଜିଲାନ୍ସ ଡିଭିଜନ : ୨ ବର୍ଷରେ ୩ ଏସପିଙ୍କ ବଦଳି, ମାମଲା ସଂଖ୍ୟା ଶୂନ

ରାଉରକେଲା,୨୯/୦୬(ନି.ପ୍ର): ରାଉରକେଲା ଭିଜିଲାନ୍ସ ଡିଭିଜନ ହେବାକୁ ୨ ବର୍ଷ ବିତିଲା, ଜଣକ ପରେ ଜଣେ ଏସପି ଆସିଲେ, ୮ମାସ ବର୍ଷେ ଭିତରେ ଏଠାରୁ ବଦଳି ହେଲେ, ଏଠାରେ ପୁରୁଣା ଡିଏସପି ଇନ୍ସପେକ୍ଟରଙ୍କ ସଂଖ୍ୟା କିଛି କମ ନାହିଁ, ସେମାନେ ରାଉରକେଲା ସହରକୁ ଭଲଭାବେ ଦିର୍ଘ ଦିନରୁ ଜାଣନ୍ତି ହେଲେ ରାଉରକେଲାରେ ମାମଲା ସଂଖ୍ୟା ଶୂନ । ରାଉରକେଲା ଭିଜିଲାନ୍ସ ଏସପିଙ୍କର ପୁଣି ବଦଳି ହୋଇଛି, ଏସପି ରଂଜନ କୁମାର ଦାସଙ୍କର ଭିଜିଲାନ୍ସ ଡାଇରେକ୍ଟରେଟ ଚିଠି ନମ୍ବର ୧୪୫୨୯ ତା ୨୭/୬/୨୨ ଅନୁଶାରେ ସମ୍ବଲପୁର ଭିଜିଲାନ୍ସକୁ ଅତିରିକ୍ତ ଏସପି ଭାବେ ବଦଳି ହୋଇଛି । ସମ୍ବଲପୁର ଭିଜିଲାନ୍ସରେ ଥିବା ଅତିରିକ୍ତ ଏସପି ଦେବନାରାୟଣ ଦାସଙ୍କର ଇନଚାର୍ଜ ଏସପି ଭିଜିଲାନ୍ସ ଭାବେ ରାଉରକେଲା ବଦଳି ହୋଇଛି । ତେବେ ଏହି ରାଉରକେଲା ଏସପି ଅଫିସ ହେବାକୁ ଇତିମଧ୍ୟରେ ୨ବର୍ଷ ପୁରିଲାଣି, କିନ୍ତୁ ଏହି ସହରରେ ଦୁର୍ନୀତିକୁ ନେଇ ନାନା ଅଭିଯୋଗ ହେବା ସତ୍ତ୍ୱେ ମଧ୍ୟ ମାମଲା ସଂଖ୍ୟା ଶୂନ । ରାଉରକେଲା ଭିଜିଲାନ୍ସ ଅଫିସ ଓ ଡିଭିଜନରେ ଥିବା ଅଫିସର ମାନଙ୍କ ଚାକିରୀ କାଳକୁ ଯଦି ଦେଖାଯାଏ, ସେମାନେ ପ୍ରାୟ ଚାକିରୀ କାଳ ଏହିଠାରେ ଆରମ୍ଭ କରି ପାଖ ଆଖରେ ରହି ପୁଣି ଏହିଠାରେ ଅଛନ୍ତି । ସେମାନଙ୍କର ଲୋକ ସଂପର୍କ ମଧ୍ୟ କିଛି କମ ନୁହେଁ, ହେଲେ ରାଉରକେଲା ସହରର ଥାନା କଥା କୁହାଯାଉ କିମ୍ବା ସରକାରୀ ଅଫିସ ସେସବୁ ଯାଗାରେ ଏମାନଙ୍କର ଆଖି ପଡୁନି । ବିରୋଧୀ ଦଳ ପକ୍ଷରୁ ବିଭିନ୍ନ ଅଫିସର ଲୁଟ ପାଟ ବିଷୟରେ ତଥ୍ୟ ସହ ଭିଜିଲାନ୍ସକୁ ଲେଖି ଦେବା ପରେ ମଧ୍ୟ ଏହି ଅଫିସ ନିରବ । ନିକଟରେ ଜଙ୍ଗଲ ବିଭାଗ ସଂପର୍କରେ ଶହ ଶହ କୋଟି ଟଙ୍କାର ଲୁଟ ପାଟ ନେଇ କଂଗ୍ରେସ ନେତା ରଶ୍ମୀ ରଂଜନ ପାଢୀ ଅଭିଯୋଗ କଲାପରେ ବିଭାଗ ଏନେଇ କଣ କଲା ତାହା ଜଣାପଡିଲା ନାହିଁ । ସେହିଭଳି ମହାନଗର ନିଗମ ସଂପର୍କରେ ବାରମ୍ବାର ନାନା ଦୁର୍ନୀତି ନେଇ ଖବରକାଗଜ ଗୁଡିକର ପୃଷ୍ଠା ମଣ୍ଡନ ହୋଇଚାଲିଛି, ହେଲେ ଭିଜିଲାନ୍ସ ବାବୁ ମାନଙ୍କର ଆଖିକୁ ତାହା ଦେଖାଯାଉ ନାହିଁ ।ରାଉରକେଲା ଫାକ୍ଟ୍ରୀ ବୟଲର ବିଭାଗର ଜଣେ ବାବୁ ଏଠାରେ ୧୨ ବର୍ଷ ପୁରଣ କରି ଉଭୟ ଝାରସୁଗୁଡା ଓ ରାଉରକେଲା ଦାୟିତ୍ୱରେ ରହି ପୁଳା ପୁଳା ଟଙ୍କା ଭୁବନେଶ୍ୱରରୁ ନିଜ ଗାଁ ଭୁବନକୁ ବୋହିନେଉଥିବା କଥା ଦାଣ୍ଡରେ ପଡି ହାଟରେ ଗଡୁଛି ହେଲେ ସେ କଥା ମଧ୍ୟ ସାର ମାନଙ୍କୁ ଦେଖାଯାଉନାହିଁ । ରାଉରକେଲା ପୁର୍ତ ବିଭାଗର ଇତିହାସ କହେ ଏହି ବିଭାଗ ସହ ବାବୁ ମାନଙ୍କର ପୁରୁଣା ବନ୍ଧୁତା ରହିଛି । ତେଣୁ ପ୍ରତି ଶନିବାର ବାବୁ ମାନେ ନିର୍ଭୟରେ ଫୁଲଝର ଘାଟି ଦେଇ କେନ୍ଦୁଝରକୁ ପୁଳା ପୁଳା ଟଙ୍କା ନେଇଯିବା କଥା ବଜାରରେ ଖୋଲା ଖୋଲି ଚର୍ଚ୍ଚା ହେଉଥିଲେ ମଧ୍ୟ କାହାକୁ ଶୁଭୁନି । ଏହି ଅଫିସରେ ମଦ ଟଙ୍କା ନଦେଲେ କୁଆଡେ ଠିକାଦାର ମାନଙ୍କ ବିଲ ହୁଏନି, ସରପ୍ରାଇଜ ଚେକ କରାଗଲେ ବାବୁ ମାନଙ୍କ ଡ୍ରରୁ ମଦ ବୋତଲ ସହ ଟଙ୍କା ବାହାରିବ ବୋଲି ଆଲୋଚନା ଚାଲିଛି । ଏତ ଖୋଲା ଖୋଲି ଲୁଟ ପାଟ ଚାଲିଥିବା କେତେକ ବିଭାଗ କଥା । ସ୍ମାର୍ଟ ସିଟି ରାଉରକେଲା ଏଭଳି କାରବାର ଲାଗି ବର୍ତମାନ ୧ ନମ୍ବର ସ୍ଥାନ ନେଇଛି । ଏଠି ଏତେ ପଇସା ଯେ ଜଣେ ବୟସ୍କ ଇଞ୍ଜିନିୟର ଜଣେ ଯୁବତୀଙ୍କୁ ଇତ୍ୟାଦି ଇତ୍ୟାଦି କାମ ଲାଗି ରଖି ତାଙ୍କୁ ବହୁ ସ୍ୱପ୍ନ ଦେଖାଇଥିବା କଥା ଉଦିତନଗର ଥାନାକୁ ଯାଇଥିଲା । ସେଠାରେ ଟଙ୍କା ଚାପରେ ତାହା ଦବିଗଲା ବୋଲି ଅଭିଯୋଗ ହୋଇଥିଲା । ରାଉରକେଲାର ରୋଜଗାରିଆ ଥାନା କହିଲେ ବ୍ରାହ୍ମଣୀ ତରଂଗ, ପ୍ଲାଟଂସାଇଟ, ରଘୁନାଥପାଲ୍ଲୀ, ଉଦିତନଗର, କୋଇଡା ଓ ଟାଂଗରପାଲ୍ଲୀ ବୋଲି କୁହାଯାଏ । ଏହି ସବୁ ଥାନାରେ ପୋଷ୍ଟିଂ ଲାଗି କୁଆଡେ ବହୁ ଅର୍ଥର କାରବାର ହୁଏ, ରୋଜଗାର ମଧ୍ୟ ଏଠି କିଛି କମ ନୁହେଁ ବୋଲି କୁହାଯାଏ, କିନ୍ତୁ ଭିଜିଲାନ୍ସ ଅଫିସ ରେକର୍ଡ କୁହେ ଏଠି ଭିଜିଲାନ୍ସ କେବେ ହେଲେ କୌଣସି ପୁଲିସି ଅଫିସରଙ୍କୁ ଧରିନି କିମ୍ବା ରେଡ୍ ମଧ୍ୟ କରିନି । କାମ ତ ଏଠି କିଛି ହେଉନି ବରଂ କାହା ଠାରୁ ଦେଢ ଲକ୍ଷ ଟଙ୍କାର ପଲଙ୍କ ନେବା ଅଫିସ ରୁ ବାହାରିବା ବେଳକୁ ଅତି କମରେ ୫ହଜାର ଧରକି ଯିବା, ପ୍ରତି ଦିନ ୨ ହଜାର ଟଙ୍କାର ମଦର ବ୍ୟବସ୍ଥା କରିବା ଭଳି ପ୍ରାକ୍ଟିସ କୁଆଡେ ଏଠି ଅଧିକ ବୋଲି ଚର୍ଚ୍ଚା ହେଉଛି । ଯଦି ବାବୁ ମାନେ କାମ ନକରିବେ ନିରବ ରହିବେ ଲୁଟ ପାଟ ବଢିଚାଲିବ ତେବେ ଏଭଳି କାମ ହେଉ ନହେଉ କିନ୍ତୁ ଚର୍ଚ୍ଚା ନିଶ୍ଚୟ ରହିବ । ତେଣୁ ଭିଜିଲାନ୍ସ ବିଭାଗ ପକ୍ଷରୁ ଏଠାରୁ ପୁରୁଣା ଅଫିସର ମାନଙ୍କୁ ବିଦା କରାଯାଇ ନୂଆ ଅଫିସର ମାନଙ୍କୁ ଏହି ଅଫିସ ର ଦାୟିତ୍ୱ ଦେଇ ଏହାର ପୁରୁଣା ରେକର୍ଡକୁ ବଂଚାଇରଖିବା ଲାଗି ସାଧାରଣରେ ଦାବି ହେଉଛି ।

ବାଲ୍ୟ ଯୌନ ଅପରାଧ ସୁରକ୍ଷା ପାଇଁ ସଚେତନତା ଶିବିର

କେନ୍ଦ୍ରାପଡ଼ା,୨୮ ଜୁନ୍ (ହି.ସ.) – କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ବାଲ୍ୟ ଯୌନ ଅପରାଧ ସୁରକ୍ଷା ଆଇନ ୨୦୧୨ ସମ୍ବନ୍ଧରେ ଏକ ସଚେତନତା କାର୍ଯ୍ୟକ୍ରମ ତୁଣ୍ଡୁପୁର ହାଇସ୍କୁଲ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଇନସେବା ପ୍ରାଧିକରଣ ସଚିବ ଶ୍ରୀମତୀ ସଙ୍ଗିତା ପାଣି ଅଧ୍ୟକ୍ଷତା କରିଥିବା ବେଳେ ବାଳ ଅପରାଧି ନ୍ୟାୟ(ଯତ୍ନ ଓ ସୁରକ୍ଷା) ଓ ସାନ୍ନିଧାନିକ ମୌଳିକ କର୍ତବ୍ୟ ଜନିତ ଆଇନ ସମ୍ବନ୍ଧରେ ଆଲୋଚନା କରାଯାଇ ଥିଲା । ଶିକ୍ଷକ ରମେଶ

ଶ୍ରୀଫଳର୍ ଆଦର୍

ଆମ ହିନ୍ଦୁ ପରମ୍ପରାରେ ନଡ଼ିଆ ଫଳକୁ ଶ୍ରୀଫଳ ଭାବେ ଜଣାଯାଏ ନିକଟରେ ହୋଇଥିବା ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଗତ କିଛି ବର୍ଷ ମଧ୍ୟରେ ନଡ଼ିଆର ଆଦର ଭାରତ ସହ ବିଦେଶରେ ମଧ୍ୟ ବଢ଼ିଲାଣି । ଖାଦ୍ୟ ବିଶେଷଜ୍ଞମାନେ ଯେତେବେଳେ ପ୍ରାରମ୍ଭିକ ପର୍ଯ୍ୟାୟରେ ଲୋକଙ୍କୁ ଅବଗତ କରାଉଥିଲେ ଯେ ମୃଦୁପାନୀୟ ଯେତେ ନାମୀ କମ୍ପାନୀର ହେଲେ ମଧ୍ୟ ସେଗୁଡ଼ିକ ସ୍ୱାସ୍ଥ୍ୟ ପାଇଁ ଆଦୌ ହିତକର ନୁହେଁ । ବିଳମ୍ବ, ହେଉ ପଛକେ, ଲୋକେ ଅନେକାଂଶରେ ଏସବୁର ସତ୍ୟତା ହୃଦୟଙ୍ଗମ କଲେଣି । ଏଣୁ ବର୍ତ୍ତମାନ କିଛି ବର୍ଗର ବ୍ୟକ୍ତି ଯଦିଓ ମୃଦୁପାନୀୟ ପିଉଛନ୍ତି, ତାହା ଖୁବ କମ ପରିମାଣରେ । ଏହା ସହ ଶ୍ରୀଫଳର ଉପଯୋଗିତା ବାବଦରେ ସମସ୍ତେ ଭଲଭାବେ ଅବଗତ ହେଲେଣି ।

◆ ବିଶେଷଜ୍ଞଙ୍କ ମତରେ ନଡ଼ିଆ ପାଣି କମ କ୍ୟାଲୋରୀଯୁକ୍ତ ପାନୀୟ ଅଟେ । ଆଣ୍ଟିଅକ୍ସିଡାଣ୍ଟ, ଆମିନୋ ଏସିଡ ଭରପୂର ଏହି ପାନୀୟ ପିଇଲେ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼େ ।

◆ ଓଜନ ନିୟନ୍ତ୍ରଣରେ ରଖିବାକୁ ଚାହୁଁଥିଲେ ପ୍ରତ୍ୟହ ନଡ଼ିଆ ପାଣି ପିଇବାର ଅଭ୍ୟାସ କରନ୍ତୁ । ଏହା ସହ ଏଇ ପାଣି ତ୍ୱଚା ଓ କେଶ ନିମନ୍ତେ ଏକ ଉତ୍ତମ ଟନିକ ମଧ୍ୟ ।

◆ ନଡ଼ିଆ ପାଣିରେ ଥିବା କଲୋକ୍ଟୋଲାଇଟସ ଓ ପୋଟାସିୟମ ରକ୍ତ ଚାପନ କମ କରିବା ସହ ହୃଦରୋଗୀଙ୍କ ନିମନ୍ତେ ମଧ୍ୟ ଖୁବ ଭଲ । ଏହି ପାଣିରେ ମହଜୁଦ ଥିବା ବିଭିନ୍ନ ପ୍ରକାର ପୋଷକତତ୍ତ୍ୱ ଶରୀରୁ ବିଷ ତତ୍ତ୍ୱ ବାହାର କରିବାରେ ସହାୟକ ହୋଇଥାଏ ।

◆ କେବଳ ନଡ଼ିଆ ପାଣି ନୁହେଁ, ନଡ଼ିଆ ତେଲ ମଧ୍ୟ ଶରୀର ନିମନ୍ତେ ଖୁବ ହିତକର ।

ଜିରାର ଉପକାରିତା

■ ସୁପାଚକ ଚିରାକୁ ନିୟମିତ ଖାଇଲେ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପଡ଼େ । ପ୍ରାୟ ୧ଚାମଚ ଜିରା, ଲେମ୍ବୁପାଣି ସହ ରାତିରେ ବତୁରାଇ ସଦକାଳେ ଖାଲିପେଟରେ ପିଇବା ଦ୍ୱାରା ଖାଦ୍ୟ ଜୀର୍ଣ୍ଣ ହୋଇଥାଏ ।

■ ଜିରା ଖାଇଲେ ହାଡ଼ ଶକ୍ତ ହୋଇଥାଏ ।

■ ଅର୍ଶରୋଗୀମାନେ ନିୟମିତ ଭାବରେ ଜିରା ୧ଛୋଟ ଚାମଚ ଚୋବାଇବା ଭଲ ।

■ ନ୍ୟୁଜିଲାଣ୍ଡ ଗବେଷକମାନେ ନିକଟରେ ପ୍ରକାଶ କରିଛନ୍ତି ଯେ ମଧୁମେହ ରୋଗୀ ଜିରା ଖାଇବା ଦ୍ୱାରା ରକ୍ତରେ ଶର୍କରା ପରିମାଣ ନିୟନ୍ତ୍ରଣାଧୀନ ରହେ ।

■ ପିଲାମାନଙ୍କୁ ବିଭିନ୍ନ ବ୍ୟୟଜନରୋ ଜିରାର ପ୍ରୟୋଗ କରାଇ ଖୁଆଇଲେ ସେମାନଙ୍କ ସ୍ମୃତି ।କ୍ତି ବଢ଼ିବାର ଗବେଷକଗଣ ମତ ପ୍ରକାଶ କରିଛନ୍ତି ।

■ ଜିରାରେ ଭିଟାମିନ ଇ ଥିବା ଯୋଗୁଁ ତ୍ୱଚା ପାଇଁ ଏହା ଏକ ଉତ୍ତମ ଖାଦ୍ୟ ।

ମୃଦୁ ପାନୀୟକୁ ସତର୍କତା

ମୃଦୁପାନୀୟ ପିଇବାର ୧୦ମିନିଟ୍ ମଧ୍ୟରେ ପୂରା ଶରୀରରେ ୧୦ମିନିଟ୍ ମଧ୍ୟରେ ଶର୍କରା ଜମା ହୋଇଥା, । ଆବଶ୍ୟକତାଠାରୁ ଅଧିକ ଶର୍କରା ପରିମାଣ ଏହି ପାନୀୟରେ ଥିବାରୁ ଶରୀର ପାଇଁ ଏହା ଅତ୍ୟନ୍ତ କ୍ଷତିକାରକ ।



◆ ମୃଦୁପାନୀୟ ପିଇବାର ୨୦ମିନଟ୍ ପରେ ରକ୍ତରେ ଶର୍କରା ପରିମାଣ ବଢ଼େ । ଯକୃତ ଏହି ଶର୍କରାକୁ ଫ୍ୟାଟରେ ପରିଣତ କରିଥାଏ ।

◆ ସର୍ବେକ୍ଷଣରୁ ଜଣାପଡ଼ିଛି, ପ୍ରତି ୧୦ଜଣରେ ୬ଜଣ ନିୟମିତ ୨ଘଣ୍ଟାରେ ଥରୁଟିଏ ମୃଦୁପାନୀୟ ପିଇଥାନ୍ତି । ଏହି ପାନୀୟ ପିଇବର ୪୦ମିନିଟ୍ ପରେ ଅଧିକାଂଶ ଲୋକଙ୍କ ରକ୍ତଚାପ ମଧ୍ୟ ବଢ଼େ।

ଯୁବତୀ ଓ ମହିଳା କ୍ଷେତ୍ରରେ ମଧ୍ୟ ମୃଦ୍ୟୁପାନୀୟ କ୍ଷତିକାରକ । ମୂତ୍ରାଶୟରେ କ୍ୟାଲସିୟମ ଜମା କରିବାରୁ ସେମାନେ ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହୋଇଥାନ୍ତି ।

◆ ମୃଦୁପାନୀୟ ପିଇଲେ ବାରମ୍ବାର ପରିସ୍ରା ଲାଗିଥାଏ । ଏଣୁ ଏହି ପ୍ରକ୍ରିୟାରେ ଶରୀରରୁ ଆବଶ୍ୟକ ଜଳ, ମିନେରାଲ୍ସ ଓ ନ୍ୟୁଟ୍ରିଏଣ୍ଟସ ବାହାରିଯିବା କାରଣରୁ ଡିହାଇଡ୍ରେସନର ଶିକାର ହୋଇଥାନ୍ତି ।

◆ ଏହି ପାନୀୟରେ ମାତ୍ରାଧିକ କ୍ୟାଲୋରୀ ଥିବାରୁ ମଧୁମେହ ହେବାର ଆଶଙ୍କା ବଢ଼ାଇଥାଏ ।

◆ ଏଥିରେ ଫସଫରିକ ଏସିଡ ଥିବା କାରଣରୁ ହାଡ଼ଗୁଡ଼ିକ ମଧ୍ୟ ଦୁର୍ବଳା ହୋଇଥାନ୍ତି ।

◆ ବିଭିନ୍ନ ମୃଦୁପାନୀୟରେ କେରେମେଲ ନାମ ରାସାୟନିକ ପଦାର୍ଥ ଥିବାର କାରଣରୁ କର୍କଟ ରୋଗ ହେବାର ଅନ୍ୟତମ କାରଣ ବୋଲି ବିଶେଷଜ୍ଞଙ୍କ ମତ ।

◆ ମୃଦୁପାନୀୟ ପିଇଲେ ଏସିଡିଟି ଅଧିକ ହୋଇଥାଏ ବୋଲି ଜଣାପଡ଼ିଛି ।

ଉପକାରୀ ଲାଉ

ଲାଉ ସ୍ୱାସ୍ଥ୍ୟ ପାଇଁ ବେଶ ହିତକର । ନିୟମିତ ଲାଉ ଖାଉଥିବା ବ୍ୟକ୍ତି ପେଟ ରୋଗର ଶିକାର ହୋଇ ନ ଥାନ୍ତି । ଲାଉ ଖାଇବା ଦ୍ୱାରା ଗ୍ୟାସ ସମସ୍ୟା ଦୂର ହୋଇଥାଏ । ତେବେ ଲାଉ ସବୁ ସମୟରେ ବଜାରରେ ମିଳି ନଥାଏ । ତେଣୁ ନିଜ ବାଡ଼ିରେ ଲଗାଇବାକୁ ଅଧିକାଂଶ ପସନ୍ଦ କରିଥାନ୍ତି । ଲାଉରେ ୯୬ ପ୍ରତିଶତ ଜଳୀୟ ଅଂଶ ରହିଛି । ଏଥିରେ କମ କ୍ୟାଲୋରୀ ଥିବାରୁ ସହଜରେ ହଜମ ହୋଇଥାଏ । ଲାଉ ଫାଇବର ରହିଥିବାରୁ ପେଟ ସମ୍ବନ୍ଧୀୟ ରୋଗରୁ ଆମକୁ ରକ୍ଷା ମିଳିଥାଏ । ଅଲସର, କୋଷ୍ଠକାଠିନ୍ୟ ଓ ଗ୍ୟାସ ରୋଗୀଙ୍କ ପାଇ ଏହା ଲାଭକାରୀ । ପରିସ୍ରା ଜଳାପୋଡ଼ା ହେଉଥିଲେ ଲାଉ ସୁପ ପିଇବା ଦ୍ୱାରା ଏଥିରୁ ଉପଶମ ମିଳିଥାଏ । ଲିଭର ସଂକ୍ରମଣ ହୋଇଥିଲେ କିମ୍ବା ଠିକଭାବେ କାର୍ଯ୍ୟ କରୁନଥିଲେ ଲାଉ ଖାଇବା ଦ୍ୱାରା ଏହି ସମସ୍ୟାରୁ ରକ୍ଷା ମିଳିଥାଏ । ଲାଉ ମଞ୍ଜିର ତେଲ ଖାଇବା ଦ୍ୱାରା ଜଳେଷ୍ଟରଲ ମାତ୍ରା କମିଥାଏ । ଏହା ହୃଦଯନ୍ତ୍ର ପାଇଁ ଲାଭଦାୟକ । ରକ୍ତ ନଳୀକୁ ମଧ୍ୟ ଲାଉ ସୁସ୍ଥ ରଖିଥାଏ ଉଚ୍ଚରକ୍ତଚାପ, କୋଷ୍ଠକାଠିନ୍ୟ, ହୃଦରୋଗ ସମସ୍ୟା ତଥା ମଧୁମେହରୁ ଲାଉ ଆମକୁ ରକ୍ଷା କରିଥାଏ ।

ଲୋପ ହେଉଛି ଜନଜାତି

ଅନେକ ପ୍ରଜାତିର ଜୀବସତ୍ତା ଓ ବିଭିନ୍ନ ପ୍ରକାରର ବୃକ୍ଷ ପୃଥିବୀପୃଷ୍ଠରୁ ଏହା ମଧ୍ୟରେ ଲୋପପାଇସାରିଲାଣି । ଏବେ ସେହି କ୍ରମରେ ମନୁଷ୍ୟଜାତି ମଧ୍ୟ ସାମିଲ ହେଲାଣି । ଯେପରି ପୁରୁଣାସମୟର ଅକ୍ଷର ମଧ୍ୟ ନିଶ୍ଚିହ୍ନ ହୋଇଥିବାର ଇତିହାସର ପୃଷ୍ଠାରୁ ଜଣାପଡ଼େ । ବିଶ୍ୱର ବିଭିନ୍ନ ପ୍ରାନ୍ତରେ ବସବାସ କରୁଥିବା କେତେକ ଆଦିବାସୀ ଜନଜାତିଙ୍କ ସଂଖ୍ୟା ଦିନକୁଦିନ ହ୍ରାସ ପାଇବାରେ ଲାଗିଛି । ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଂନର ସର୍ବେକ୍ଷଣ ଅନୁସାରେ, କେବଳ ଆଫ୍ରିକାର ହିଁ ଆଦିବାସୀ ଲୋକଙ୍କ ସଂଖ୍ୟା ବୃଦ୍ଧି ପାଉଛି । ନେପାଳ ଓ ଅଷ୍ଟ୍ରେଲିଆର ଆଦିବାସୀଙ୍କ ସଂଖ୍ୟା କମିବାରେ ଲକ୍ଷ୍ୟ କରାଯାଉଛି । ନେପାଳରେ ରହୁଥିବା ଖାନବଦୋଶ ଜନଜାତିଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ଏମାନଙ୍କ ସଂଖ୍ୟା ମାତ୍ର ୧୫୦ ଏବେ । ଆଗାମୀ କିଛି ବର୍ଷ ମଧ୍ୟରେ ଖାନବଦୋଶ ଜନଜାତି ସମ୍ପୂର୍ଣ୍ଣ ଭାବରେ ନିଶ୍ଚିହ୍ନ ହୋଇଯିବ ବୋଲି ଏବେଠାରୁ ପ୍ରମାଦ ଗଣାଯୁଛି । ବାହାର ଦୁନିଆଠାରୁ ଏଠା ଲୋକେ ସମ୍ପୂର୍ଣ୍ଣ ଅଲଗା ରହିବା ସହ ମିଳାମିଶା କରିବାକୁ ଏମାନେ ପସନ୍ଦ କରିନଥାନ୍ତି । ଅସ୍ଥାୟୀ କ୍ୟାମ୍ପରେ ରହିବା ଏମାନଙ୍କର ସ୍ୱଭାବ । ଏହି ଜନଜାତିର ଲୋକେ ମାଙ୍କଡ଼ ଶିକାର କରିବାରେ ଧୁରନ୍ଧର । ଏ ବାବଦରେ ଆମେ ସଚେତନ ନ ହେଲେ ଖୁବ କମ ସମୟରେ ଏଇ ଜନଜାତି ନିଶ୍ଚିହ୍ନ ହୋଇଯିବ ।

ଇଉରୋପର ଲୋକପ୍ରିୟ ଚାଳକବିହୀନ ବସ୍

୨୦୧୬ରେ ଇଉରୋପର ଏସ୍ତୋନିୟା ରାଷ୍ଟ୍ରରେ ଚାଳକବିହୀନ ବସ ସେବା ଆରମ୍ଭ ହୋଇଛି । ଏହି ବସ ସେବାକୁ ନେଇ ସ୍ଥାନୀୟ ଲୋକେ ବେଶ ଖୁସି ଥିବାବେଳେ ପର୍ଯ୍ୟଟକମାନେ ମଧ୍ୟ ଏଥିରେ ଯାତ୍ରା ଆରାମଦାୟକ ବୋଲି କହିଛନ୍ତି । ନିଜ ସ୍ମାର୍ଟଫୋନ ଆପ୍ଲିକେସନ ସହାୟତାରେ ବସର ଗତିବିଧି ଜାରିହେବା ସହ ବସ ଷ୍ଟାଣ୍ଡରେ ଯଥା ସମୟରେ ପହଞ୍ଚି ଏହି ବସରେ ଯାତ୍ରା କରିହେବ । ଗତ କିଛି ବର୍ଷ ମଧ୍ୟରେ ଏହି ବସ ଯାତ୍ରାରେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଅସୁବିଧା ହୋଇନାହିଁ । ଯାତ୍ରୀଙ୍କୁ ଯଥା ସମୟରେ ଗନ୍ତବ୍ୟସ୍ଥଳରେ ପହଞ୍ଚାଇବା ସହ ଟ୍ରାଫିକ ସଙ୍କେତକୁ ମଧ୍ୟ ଚମତ୍କାର ଭାବେ ପାଳନ କରୁଛି ଏହି ବସ । ସକାଳ ୭ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଚାଲୁଥିବା ଏହି ଚାଳକବିହୀନ ବସ ଆସନ୍ତା ମାସରୁ ୨୪ଘଣ୍ଟା ସେଠାରେ ଚାଲିବ ବୋଲି ଜଣାପଡ଼ିଛି ।

ବାଡ଼ିରେ ଲଗାନ୍ତୁ ନିମ ଗଛ

ନିମ ଏକ ଔଷଧୀୟ ବୃକ୍ଷ। ଏହା ଯେତିକି ପିତା ଶରୀର ପାଇ ସେତିକି ଲାଭନଦାୟକ । ରକ୍ତଶୋଧନରେ ସାହାଯ୍ୟ କରିବା ସହିତ ଚର୍ମ କେଶ ପାଇଁ ମଧ୍ୟ ଉପକାରୀ । ନିମପତ୍ର ପିତା ହୋଇଥିବାରୁ ଏହାକୁ ଅଧିକ ମାତ୍ରାରେ ଖାଇହୁଏ ନାହିଁ ସତ: କିନ୍ତୁ ଏହାର ପିତା କମ କରାଯାଇ ଖିଆଯାଇପାରିବ । ନିମର ରସ ପିଇଲେ ଅନେକ ଫାଇଦା ମିଳିଥାଏ । ନିମ ରସ ରକ୍ତଶୋଧନ କରି ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ ତ୍ୱଚା ସମ୍ବନ୍ଧୀୟ ଅନେକ ସମସ୍ୟା ଦୂର କରିଥାଏ । ନିମପତ୍ରର ରସ ମ୍ୟାଲେରିଆ ଓ ଜଣ୍ଡିସ ଭଳି ରୋଗ ଦୂର କରିବାରେ ସହାୟକ ହୋଇଥାଏ । ଏହାର ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ଯୋଗୁଁ ମ୍ୟାଲେରିଆ ଜୀବାଣୁକୁ ରୋକିବା ସହିତ ଯକୃତକୁ ମଜଭୁତ କରିଥାଏ । ଜଣ୍ଡିସରେ ନିମପତ୍ରର ରସକୁ ମହୁ ସହିତ ଖାଇଲେ ଏହା ଭଲ ହୋଇଥାଏ । ମିଳିମିଳା ବା ହାଡ଼ଫୁଟିର ଦାଗ ଅନେକ ଦିନ ଧରି ରହିଥାଏ । ଏହିଦାଗଦୂର ପାଇଁ ନିମପନତ୍ରର ରସ ପମାଲିସ କରନ୍ତୁ । ଏହା ବିଭିନ୍ନ ଦାଗ ଦୂର କରିବା ସହ ଏକଜିମା, ମିଳିମିଳା ଓ ହାଡ଼ଫୁଟି ଆଦି ରୋଗ ହେବାକୁ ଦେଇ ନଥାଏ । ଦୃଷ୍ଟିଶକ୍ତି ବୃଦ୍ଧି ପାଇଁ ଦୁଇବୁନ୍ଦା ନିମରସ ଆଖିରେ ପନକାନ୍ତୁ ଏହା ଦୃଷ୍ଟି ଶକ୍ତି ବୃଦ୍ଧି କରିବା ସହ ଆଖିକୁ ସୁସ୍ଥ ରଖିଥାଏ ।

ଏକ ଗୋଡ଼ରେ ୧୦ ସେକେଣ୍ଡ ଠିଆ ନ ହୋଇ ପାରିଲେ ମୃତ୍ୟୁ ଆଶଙ୍କା ଅଧିକ !

ମଧ୍ୟ ବୟସ୍କଙ୍କ ପାଇଁ ସତର୍କ ଘଣ୍ଟି।୧୦ ସେକେଣ୍ଡର ଫିଜିକାଲ ଟେଷ୍ଟରେ ଫେଲ ମାରିଲେ ମୃତ୍ୟୁ ଆଶଙ୍କା ଅଧିକ। ଗୋଟିଏ ଗୋଡ଼ରେ ଠିଆ ନ ହୋଇ ପାରିଲେ,ମରିବାର ବିପଦ ଅଧିକ । ମାତ୍ର ୧୦ ସେକେଣ୍ଡ ପାଇଁ ଏକ ନିର୍ଦ୍ଦିଷ୍ଟ ମୁଦ୍ରାରେ ଗୋଟିଏ ଗୋଡ଼ରେ ଭାରସାମ୍ୟ ରଖି ନଥିପାରୁନଥିବା ବ୍ୟକ୍ତି ଆଗାମୀ ୧୦ ବର୍ଷ ମଧ୍ୟରେ ମୃତ୍ୟୁ ବରଣ କରିବାର ବିପଦ ରହିଛି । ବ୍ରିଟିଶର ଏକ ସ୍ପୋର୍ଟ ମେଡିସିନ୍ ଜର୍ନାଲରେ ଏମିତି ଏକ ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ ପାଇଛି ।

ଗବେଷଣାରୁ ଜଣା ପଡିଛି,ମାତ୍ର ୧୦ ସେକେଣ୍ଡ ପାଇଁ ଗୋଟିଏ ଗୋଡ଼ରେ ଠିଆ ହୋଇ ପାରୁ ନଥିବା ମଧ୍ୟବୟସ୍କଙ୍କ ଭିତରୁ ପ୍ରାୟ ୮୪ ପ୍ରତିଶତ ଆଗାମୀ ୧୦ ବର୍ଷ ମଧ୍ୟରେ ମୃତ୍ୟୁ ବରଣ କରିବାର ଆଶଙ୍କା ରହିଛି । ବିନା କୌଣସି ସହଯୋଗରେ ଗୋଟିଏ ଗୋଡ଼ରେ ଠିଆ ହୋଇ ପାରୁନଥିବା ବ୍ୟକ୍ତି ଅସୁସ୍ଥ ବୋଲି ଜାଣି ରଖିବା ଦରକାର ।

୨୦୦୯ରେ ବ୍ରାଜିଲର ୧୭୦୨ ଜଣ ୫୦ ବର୍ଷ ବୟସ୍କଙ୍କ ସ୍ୱାସ୍ଥ୍ୟ ଓ ସୁସ୍ଥତାକୁ ନେଇ ଏକ ସର୍ଭେ କରାଯାଇଥିଲା । ଗୋଟିଏ ଗୋଡ଼ରେ ଏକ ନିର୍ଦ୍ଦିଷ୍ଟ ମୁଦ୍ରାରେ ୧୦ ସେକେଣ୍ଡ ପାଇଁ ଠିଆ ହୋଇ ପାରୁନଥିବା ବ୍ୟକ୍ତିର ଭବିଷ୍ୟତ ୧୦ ବର୍ଷ ପରେ କଣ ହେବ ଏ ନେଇ ଚାଲିଥିଲା ଗବେଷଣା । ଆଉ ସେହି ଗବେଷଣା ଆଧାରରେ ଜଣା ପଡିଛି ଯେ, ମଧ୍ୟବୟସ୍କଙ୍କ ଜୀବନ କେତେ ବିପଦରେ ।

ଯଦି କେହି ଏହାକୁ ପରୀକ୍ଷା କରିବାକୁ ଚାହୁଁଥିବ, ତାହାଲେ ଭୂମିରେ ଗୋଟିଏ ପାଦ ରଖି, ଅନ୍ୟପାଦଟି ଗୋଟିଏ ହାତରେ ପଛପଟୁ ଉପରକୁ ଉଠାଇବାକୁ ପଡିବ । ଏବଂ ଅନ୍ୟହାତଟି ସମ୍ମୁଖକୁ ରଖି ବଢାଇବାକୁ ପଡିବ । ଏହା ଏକ ପ୍ରକାର ଭାରତୀୟଙ୍କ ଯୋଗାସନର ମୁଦ୍ରା । ଏହିମୁଦ୍ରାକୁ ନେଇ ଗବେଷଣା କରାଯାଇଥିଲା ।ଏଥିପାଇଁ ପ୍ରତି ବ୍ୟକ୍ତିଙ୍କୁ ୩ ଥର ସୁଯୋଗ ଦିଆଯାଇଥିଲା । ତେବେ ପ୍ରତି ୫ ଜଣରୁ ଜଣେ ହିଁ ଗୋଟିଏ ଗୋଡ଼ରେ ଭାରସାମ୍ୟ ରଖି ଠିଆ ହେବାକୁ ସକ୍ଷମ ହୋଇ ପାରିଥିଲା । କେବଳ ବ୍ରାଜିଲ ନୁହେଁ,ଫିନଲାଣ୍ଡସ ଅଷ୍ଟ୍ରେଲିଆ,ଯୁକ୍ତରାଷ୍ଟ୍ର ଆମେରିକାରେ ମଧ୍ୟ ଏହି ସର୍ଭେ କରାଯାଇଛି । ପ୍ରତି ବର୍ଷ ସାରା ବିଶ୍ୱରେ ପ୍ରାୟ ୬ ଲକ୍ଷ୮୦ ହଜାର ଲୋକ ପ୍ରାଣ ହରାଉଛନ୍ତି । ତେଣୁ ଏହି ୧୦ ସେକେଣ୍ଡର ପରୀକ୍ଷା ହିଁ ବ୍ୟକ୍ତିର ସ୍ୱସ୍ଥ୍ୟାବସ୍ଥା କେତେ ସଙ୍କଟାପର୍ଣ୍ଣ ତାହା ଜାଣିବା ପାଇଁ ବେଶ ଭୟ ଉପାୟ ବୋଲି ମତ ରଖିଛନ୍ତି ଗବେଷକ । ତେବେ ମୃତ୍ୟୁର କାରଣ କ'ଣ ହୋଇଥାଏ ପାରେ, ଏହି ପରୀକ୍ଷାରୁ ତାହା ସ୍ପଷ୍ଟ ହୋଇ ପାରି ନାହିଁ ।

ଭିଟାମିନ ସି' ଖାଦ୍ୟର ଉପକାରିତା

ନିୟମିତ ଭାବେ ଭିଟାମିନ ସି'ଯୁକ୍ତ ଖାଦ୍ୟ ଖାଇଲେ ତାହା ଶରୀର ଉପରେ ଉତ୍ତମ ପ୍ରଭାବ ପକାଇଥାଏ ବୋଲି ଖାଦ୍ୟ ବିଶେଷଜ୍ଞ ପ୍ରକାଶ କରିଛନ୍ତି । ଭିଟାମିନ ସି ଯୁକ୍ତ ଖାଦ୍ୟ ତାଲିକାରେ ଅଙ୍ଗୁର, କମଳା, ଲେମ୍ବୁ, ଓ ଅଁଳା ଆଦି ଫଳ ରହିଛି । ପାଳଙ୍ଗ ଶାଗ, ବନ୍ଧାକୋବି, ଟମାଟୋ ଓ ପଣସକଠାରେ ମଧ୍ୟ ପର୍ଯ୍ୟପ୍ତ ପରିମାଣର ଭିଟାମିନ ସି ଥିବା ପ୍ରକାଶ । ଫିନଲ୍ୟାଣ୍ଡର ଗବେଷକଗଣଙ୍କ ବପୀକ୍ଷାରୁ ଜଣାପଡ଼ିଛି ଯେ ନିୟମିତ ଭାବେ ଭିଟାମିନ ସି ଯୁକ୍ତ ଖାଦ୍ୟ ଖାଇଲେ ଥଣ୍ଡା, ସର୍ଦ୍ଦି ରୋଗରୁ ରକ୍ଷା ପାଇବା ସହ ତ୍ୱଚାରେ ବିଶେଷ ଚମକ ଆସିଥାଏ । ପିଲାଠାରୁ ବୟସ୍କ ପ୍ରତ୍ୟେକ ବର୍ଗର ଲୋକେ ନିଜ ଖାଦ୍ୟପେୟରେ ଭିଟାମିନ ସି କୁ ସାମିଲ କରିବା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ଉପକାରୀ । ନିୟମିତ ଭାବରେ ଖାଇବା ଦ୍ୱାରା କର୍କଟ ରୋଗରୁ ରକ୍ଷା ମିଳିବା ସହ ଶରୀରର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ହୁଏ । ପିଲାମାନେ ନିୟମିତ ଭାବରେ ଭିଟାମିନ ସି ଯୁକ୍ତ ଖାଦ୍ୟ ଖାଇଲେ ସେମାନଙ୍କ ମସ୍ତିଷ୍କ ସକ୍ରିୟ ରହିବା ସହ କାର୍ଯ୍ୟକ୍ଷମତା ବୃଦ୍ଧି ପାଇଥାଏ ବୋଲି ପରୀକ୍ଷାରୁ ପ୍ରକାଶିତ ।



ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ଅସନ୍ତୁଷ୍ଟ ଓ ସନ୍ତୁଷ୍ଟ ସେନା...

ମହାରାଷ୍ଟ୍ର ରାଜନୀତିରେ ଘଡ଼ିକେ ଘୋଡ଼ା ଛୁଟୁଛି । ଏଭଳି ସ୍ଥିତି କେତେକାଳ ଚାଲିବ, ତାହା କେହି କହି ପାରିବେନାହିଁ । ମୂଳ ଶିବସେନାରୁ ଅଲଗା ହୋଇ ୩୫ରୁ ଅଧିକ ବିଧାୟକ ସୁଦୂର ଗୁଆହାଟିର ବିଳାସପୂର୍ଣ୍ଣ ହୋଟେଲରେ ଡେରା ପକାଇଛନ୍ତି । ସେମାନଙ୍କର ନେତା ଏକନାଥ ସିନ୍ଦଙ୍କୁ ସୁପ୍ରିମ କୋର୍ଟରୁ ଆଶ୍ୱସ୍ତି ମିଳିଥିବା ଉଦ୍ଧବ ଠାକରେ ଗୋଷ୍ଠୀକୁ ଅଣ୍ଡିରେ ପକାଇ ଦେଇଛି । ତିନିଦଳିଆ ମେଣ୍ଟର ପ୍ରମୁଖ ନେତା ଶରଦ ପାୱାର ଇସ୍ତଫା ଦେବାକୁ ବାରଣ କରିବାରୁ ଉଦ୍ଧବ ନିଷ୍ପତ୍ତି ବଦଳାଇଛନ୍ତି । ତାହାରି ଭିତରେ ବିଜେପି ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ । ଫଡ଼ନବିସ ତାଙ୍କ ଦଳର ଭୂମିକା ଆପାତତଃ କିଛି ନାହିଁ ବୋଲି କହିଛନ୍ତି । ମାତ୍ର ବଡୋଦରାରେ ବିଦ୍ରୋହୀ ସେନା ଗୋଷ୍ଠୀର ମୁଖୁଆ ଏକନାଥଙ୍କ ସହ ଏକାନ୍ତ ବୈଠକ କରି ପୁଣି ଗୁଆହାଟି ଫେରିଯିବା ଅନେକ କିଛି ସୂଚାଉଛି । ସୁପ୍ରିମ କୋର୍ଟ ଯଦିଓ ହାଇକୋର୍ଟକୁ ନଯାଇ କ'ଣ ପାଇଁ ବିଦ୍ରୋହୀ ଗୋଷ୍ଠୀ ସିଧା ସୁପ୍ରିମ କୋର୍ଟକୁ ଚାଲିଆସିଲେ, ତାହାର କାରଣ ଜିଜ୍ଞାସା କରିବାରୁ ତାଙ୍କ ଓକିଲ ଜରିଆରେ ଜଣାଇଥିଲେ କି ମୁମ୍ବାଇରେ ସେମାନଙ୍କ ଜୀବନ ନିରାପତ୍ତା ନେଇ ସମସ୍ୟା ରହିଛି । ପ୍ରଥମେ ବିଜେପି ଶାସିତ ଗୁଜରାଟର ସୁରତ ହୋଟେଲରେ ଡେରା ପକାଇଥିବା ବିଧାୟକମାନେ ରାତି ଅଧରେ ଚାଟାର୍ଡ ବିମାନରେ ଉଡ଼ିଗଲେ ଅନ୍ୟ ବିଜେପି ଶାସିତ ଆସାମର ଗୁଆହାଟିର ବିଳାସପୂର୍ଣ୍ଣ ହୋଟେଲକୁ । କାହା ଧନରେ ଏହି ନାଟକ ଚାଲିଛି, ତାହା ସମ୍ପର୍କରେ ଯେତେ କମ୍ କୁହାଯିବ, ସେତେ ଭଲ । ଏତେଦିନ ଧରି ଉଦ୍ଧବ ଗୋଷ୍ଠୀର ମୁଖପାତ୍ର ସାଜିଥିବା ସଂଜୟ ରାଉତଙ୍କ ବିବାଦୀୟ ବୟାନ ମାମଲାକୁ ତେଜାଇ ଦେଇଛି । 'ଗୁଆହାଟିରୁ ସେନା ବିଧାୟକମାନଙ୍କ ଶବ ଫେରିବ ? କହିବା ରାଜ୍ୟ ରାଜନୀତିକୁ ଚହଲାଇ ଦେଇଛି । ପୁରୁଣା ମନି ଲଣ୍ଡରିଂ ମାମଲାରେ ସମ୍ପୃକ୍ତି ହେତୁ ସଂଜୟଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତୁରନ୍ତ ହାଜର ହେବାକୁ କହିଛି । ମାତ୍ର ସଂଜୟ କହିଛନ୍ତି: ମୁଁ ଗୁଆହାଟିକୁ ଯିବିନି, ବରଂ ଜେଲ ଯିବାକୁ ଶ୍ରେୟସ୍କର ମଣିବି । ସୁପ୍ରିମ କୋର୍ଟ ଏହା ମଧ୍ୟରେ ଉପ-ବାଚସ୍ପତିଙ୍କୁ ନୋଟିସ୍ କରିଥିବା ଭିତରେ ବିଦ୍ରୋହୀ ସେନାଙ୍କୁ ଜୁଲାଇ ବାର ତାରିଖ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଆଶ୍ୱସ୍ତି ବାଣୀ ଶୁଣାଇଛନ୍ତି । ମହାରାଷ୍ଟ୍ର ନବନିର୍ମାଣ ସେନାର ନେତା ରାଜ ଠାକରେଙ୍କ ସହ ବିଦ୍ରୋହୀ ସେନା ସାମିଲ ହେବେ କି' ବିଜେପିକୁ ଯିବେ, ତାହା ବଡ଼ ପ୍ରଶ୍ନ ହୋଇ ଦେଖାଦେଇଛି । ଯଦି ଏହା କରାଯାଏ, ତେବେ ସେମାନଙ୍କ ବିରୋଧରେ ଦଳବଦଳ ବିରୋଧୀ ନିୟମ ଲାଗୁ ହେବ କି ନାହିଁ, ତାହା ବଡ଼ ପ୍ରଶ୍ନ । ବିଜେପି କାଳ ବିଳମ୍ବ ନକରି ମଉକା ହାତଛଡ଼ା କରିବ ନାହିଁ । ତୁରନ୍ତ ବିଜେପି ବିଧାୟକ ଓ ମିତ୍ର ଦଳଗୁଡ଼ିକର ବୈଠକ ଡାକିଛି । ସେଥିରେ ସମ୍ଭାବ୍ୟ ସ୍ଥିତି ନେଇ ବିଚାରବିମର୍ଶ କରାଯିବ ଏବଂ ସରକାର ଗଠନ ନେଇ ବିକଳ୍ପ ତଉଲାଯିବ । ତେଣେ ବିଜେପିର କେନ୍ଦ୍ରୀୟ ରଣନୀତିକାରଙ୍କ ମହାରାଷ୍ଟ୍ର ରାଜନୀତି ଉପରେ ରଖୁଛନ୍ତି ତୀକ୍ଷ୍ଣ ନଜର । ମିତ୍ର ତଥା ସହଯୋଗୀ ଦଳଙ୍କର ସହଯୋଗ ଛଡ଼ା ବିଦ୍ରୋହୀ ଶିବସେନାଙ୍କ ଉପରେ ସବାର ହୋଇ କ୍ଷମତାକୁ ଆସିବାର ବିଚାର ହେବ । ଆଇନଗତ ତର୍ଜମା ବାହାର ରାଜନୈତିକ ହଲ୍‌ଚଲରେ ମହାରାଷ୍ଟ୍ର ଉଠୁଛି ପଡୁଛି । ବିଧାୟକମାନଙ୍କୁ ଇଡି ଓ ସିବିଆଇ ଚଢ଼ାଉ ଭୟ ଏମିତିରେ ରହିଛି । ତାହା ବାଦ୍ ଉଦ୍ଧବ ସରକାରରୁ ଅନେକ ମନ୍ତ୍ରୀଙ୍କୁ ବିଦାୟ କରାଯାଇଛି । ମହାରାଷ୍ଟ୍ର ରାଜନୀତି ତରଳାବସ୍ଥାରେ ଥିବାରୁ କେତେବେଳେ କଣ ଘଟିବ, ତାହା କୁହାଯାଇପାରେ । ଗୁଆହାଟିର ବିଳାସପୂର୍ଣ୍ଣ ହୋଟେଲରେ କେତେକାଳ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ସୌଜନ୍ୟ ଭୋଗି ଚାଲିଥିବେ ? ଜୁଲାଇ ବାର ତାରିଖ ପର୍ଯ୍ୟନ୍ତ ସୁପ୍ରିମ କୋର୍ଟ ଯେଉଁ ମହଲତ୍ ଦେଇଛନ୍ତି, ସେହି ସମୟ ଭିତରେ ବିଦ୍ରୋହୀ ଗୋଷ୍ଠୀକୁ କିଛି ଉପାୟ ବାହାର କରିବାକୁ ପଡ଼ିବ । ଆଇନଗତ ତର୍ଜମା ଓ ରାଜନୈତିକ କୌଶଳ ନିରୂପଣ କରିବାରେ ଲାଗିପଡ଼ିଛନ୍ତି ସେମାନେ । ବିଦ୍ରୋହୀ ଗୋଷ୍ଠୀର ବିଧାୟକମାନଙ୍କ ସଂଖ୍ୟା ଫୁଲୁଛି । ମାତ୍ର ତାହା ଏଯାଏଁ ସୀକୃତ ଗୋଷ୍ଠୀ ହୋଇନାହିଁ । ଆଗକୁ ଗତି କେଉ ଆଡ଼କୁ ଯାଉଛି, ଦେଖିବାକୁ ସମୟ ବାକି ରହିଛି । ଏଯାଏଁ ସୀକୃତି ପାଇନଥିବା ଗୋଷ୍ଠୀଠାରୁ ସୀକୃତି ପ୍ରତ୍ୟାହାର ପାଇଁ ସୁପ୍ରିମ କୋର୍ଟରେ କରାଯାଇଥିବା ଆବେଦନ ଉପରେ ସୁପ୍ରିମ କୋର୍ଟ ଦେଇଥିବା ଅନ୍ତରୀଣ ରାୟ ହେତୁ ବିଦ୍ରୋହୀ ଗୋଷ୍ଠୀ ଭିତରେ ଉଲ୍ଲାସ ଖେଳାଇ ଦେଇଥିବା ସ୍ୱାଭାବିକ । ଏହାପରେ ଆଗକୁ କେଉଁ କୌଶଳ ଆପଣାଇବାକୁ ବିଦ୍ରୋହୀ ସେନା ଯାଉଛନ୍ତି, ତାହା ଉପରେ ମହାରାଷ୍ଟ୍ର ରାଜନୀତିର ଗତି ନିର୍ଭର କରୁଛି । ସେହିଭଳି ଶରଦ ପାୱାରଙ୍କ ଏନସିପି ଓ କଂଗ୍ରେସର ଭୂମିକା କିଭଳି ହେବ, ତାହା ନିର୍ଭର କରୁଛି ।

ବୈଷ୍ଣବୀୟ ଧର୍ମ ଦର୍ଶନରେ ଶ୍ରୀଜଗନ୍ନାଥ

ଡକ୍ଟର ଲକ୍ଷ୍ମଣ ସାହୁ

ମହାପ୍ରଭୁ ଜଗନ୍ନାଥଙ୍କ ଦେଶ ଭାବରେ ଓଡ଼ିଶା ଖ୍ୟାତ । ଜଗନ୍ନାଥଙ୍କ ସଭ୍ୟତା ହିଁ ଓଡ଼ିଶାର ସଭ୍ୟତାକୁ ବୁଝାଇଥାଏ । ଏହାର ସକଳ ରୀତି ନୀତି, ଚାଲି ଚଳଣି, ସଂସ୍କୃତି ସବୁ କିଛି ଜଗନ୍ନାଥୀୟ ସ୍ମୃତି ଦ୍ୱାରା ଗର୍ବିତ । ନିର୍ବିଶେଷରେ ଏହାର ଧର୍ମ ଜଗନ୍ନାଥ ଧର୍ମ ନାମରେ ଅଭିବ୍ୟଞ୍ଜିତ । ସେ ହେଉଛନ୍ତି ଉତ୍କଳର ପ୍ରାଣପୁରୁଷ । ତାଙ୍କ ବିନା ଉତ୍କଳର ପରିଚୟ ନାହିଁ । ଉତ୍କଳୀୟ ଧର୍ମ-ତତ୍ତ୍ୱକୁ ଦୃଷ୍ଟି ଦେଲେ ଜଗନ୍ନାଥଙ୍କ ଚରିତ, ପୂଜା, ଆରାଧନା, ଯାନି, ଯାତ୍ରା, ଧର୍ମ ନୀତି, ପର୍ବପର୍ବାଣୀକୁ ନେଇ ନାନା ଶାସ୍ତ୍ର, ପୁରାଣ, କାବ୍ୟ, କବିତାଦିରେ ବହୁବିଧ ବର୍ଣ୍ଣନା ରହିଛି । ଭାରତୀୟ ଶ୍ରଦ୍ଧା ଓ ପୂଜିତ ଦୁଇ ମହାକାବ୍ୟ ରାମାୟଣ ଓ ମହାଭାରତ ଭଳି ଗ୍ରନ୍ଥରେ ଜଗନ୍ନାଥ ଧର୍ମ ଓ ନାମରେ ସଂକେତ ରହିଛି । ଜଗନ୍ନାଥ ଧର୍ମ ଉପରେ ବହୁ ପ୍ରାଚୀନ ପୁରାଣ ଗୁଡ଼ିକରେ ମତ୍ସ୍ୟ, ଅଗ୍ନି, ଯାମଳ, ତନ୍ତ୍ର ଶାସ୍ତ୍ରାଦିରେ ଆଲୋଚନା କରାଯାଇଛି । ପବିତ୍ର ଜଗନ୍ନାଥ ପୀଠ ପ୍ରତି ଆକୃଷ୍ଟ ହୋଇ ବିଭିନ୍ନ ସମୟରେ ଧର୍ମ ପ୍ରଚାରକ, ଭକ୍ତ ଓ ଦାର୍ଶନିକମାନେ ଐଶ୍ୱରୀୟ ପ୍ରେରଣା, ଇପ୍ସିତ ମୁକ୍ତି, ପାରମାର୍ଥିକ ଜ୍ଞାନ ଲାଭ ପାଇଁ ଧାଇଁ ଆସିଛନ୍ତି । ପ୍ରତ୍ୟେକ ଧର୍ମାଚାରୀଗଣଙ୍କୁ ଜଗନ୍ନାଥ ଧର୍ମ, ଦର୍ଶନ ଓ ଉପାସନା ପ୍ରତି ପ୍ରଭାବିତ ହେବା ସହ ଅନୁପ୍ରାଣିତ ହୋଇଛନ୍ତି ଓ ତାହାର ମହିମା ପ୍ରଚାର କରିଛନ୍ତି । ପୁନଶ୍ଚ ଏହି ଧର୍ମାଚାରୀମାନେ ସ୍ୱକୀୟ ଧର୍ମର ଉପାସ୍ୟ ଦେବତାଙ୍କୁ ପୂର୍ଣ୍ଣବ୍ର ?ହ୍ମ ବା ଅବତାର ରୂପେ ମାନିନେଇଛନ୍ତି । ସେଭଳି ଆଲୋଚ୍ୟ ପ୍ରସଙ୍ଗ ବୈଷ୍ଣବ ଧର୍ମାବଲମ୍ବୀମାନଙ୍କ ମତରେ ଶ୍ରୀକୃଷ୍ଣ କେବଳ ପୂର୍ଣ୍ଣବ୍ରହ୍ମ ବା ଅଂଶୀ ଓ ଅନ୍ୟାନ୍ୟ ଦେବତାମାନେ ତାଙ୍କର ଅଂଶ ବିଶେଷ । ଅନ୍ୟ ଅର୍ଥରେ କୁହାଯାଏ ଶ୍ରୀକୃଷ୍ଣ, ଅବତାରୀ ଅନ୍ୟମାନେ ତାଙ୍କର ଅବତାର । ଭାଗବତରେ ଉଲ୍ଲେଖିତ - 'ଏତେଚାଂଶ କଳା ପୁଂସଃ କୃଷ୍ଣସ୍ତ ଭଗବାନ ସ୍ୱୟମ୍' ଉକ୍ତିକୁ ଆଧାର କରି ବୈଷ୍ଣବମାନେ ଶ୍ରୀକୃଷ୍ଣଙ୍କ ଭଗବତ୍ତ୍ୱକୁ ପ୍ରମାଣ ସିଦ୍ଧ କରିଛନ୍ତି ।

ରାମୋପାସକ ବୈଷ୍ଣବମାନେ ରାମଙ୍କୁ ଅବତାରୀ ଓ ଅନ୍ୟମାନଙ୍କୁ ଅବତାର ଭାବରେ ମାନିନେବା ବେଳେ ଉତ୍କଳୀୟ ବୈଷ୍ଣବମାନେ ଜଗନ୍ନାଥଙ୍କୁ ଅବତାରୀ ଭାବେ ଗ୍ରହଣ କରିବା ସହ ରାମକୃଷ୍ଣାଦିଙ୍କୁ ତାଙ୍କର ଅବତାର ଭାବେ ମଧ୍ୟ ଗ୍ରହଣ କରିଥାନ୍ତି । ସେମାନଙ୍କ ଦୃଷ୍ଟିରେ ପବିତ୍ର ଜଗନ୍ନାଥ ଧାମ ହେଉଛି ଜଗନ୍ନାଥଙ୍କ ମହାନିତ୍ୟ ବିହାର ସ୍ଥଳୀ । ଶ୍ରୀକ୍ଷେତ୍ରହିଁ ଗୋଲକପୁର, ମର୍ତ୍ତାବୃନ୍ଦାବନ, ଲୀଳା ସକାମ ହେତୁ ମାଧୁର୍ଯ୍ୟ ବିମଣ୍ଡିତ ଓ ସକଳ ତୀର୍ଥ କ୍ଷେତ୍ରର ଆଧାର ରୂପେ ପରିଗଣିତ । ଏଠାରେ ଅଯୋଧ୍ୟା, ଦ୍ୱାରିକା, ମଥୁରା, ବୃନ୍ଦାବନ, ସପ୍ତାବରଣ ପୀଠାଦି ନିତ୍ୟସ୍ଥଳୀ ଜଗନ୍ନାଥ କ୍ଷେତ୍ର ଭିତରେ ଏକକାର ପାଲଟି ଯାଇଛି । ଯଶୋବନ୍ତ ଦାସ ତାଙ୍କ 'ପ୍ରେମଭକ୍ତି ଚରିତାମୃତ'ରେ ଉଲ୍ଲେଖ ଅଛି- 'ଦେଖ ଏ ନିତ୍ୟ ନୀଳାଚଳ, ସକଳ ତୀର୍ଥଙ୍କର ଆଳ । ଗୋପ ମଥୁରା ବୃନ୍ଦାବନ, ଦ୍ୱାରିକା ଆଦି ଯେତେ ସ୍ଥାନ । ସକଳ ଏହି ସ୍ଥାନେ ପାଇ, ଆବର କାଶୀ ମଧ୍ୟ ହୋଇ । କୋଟିଏ ତୀର୍ଥ ଏ କ୍ଷେତ୍ରରେ, ମହିମା କହିଲେ ନସରେ ।' କହିବାର ଅର୍ଥ ହେଉଛି ଅର୍ଜୁନ ତିନିଲୋକରେ ସର୍ବ ଶ୍ରେଷ୍ଠ ସ୍ଥାନ ଦର୍ଶନକରିବାକୁ ଇଚ୍ଛା ପ୍ରକାଶ କରିବାରୁ ଶ୍ରୀକୃଷ୍ଣ ପୁରୁଷୋତ୍ତମ କ୍ଷେତ୍ର ଦର୍ଶନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଭୂପତି ପଣ୍ଡିତ ମଧ୍ୟ ତାଙ୍କ 'ପ୍ରେମ ପଞ୍ଚାମୃତ' କାବ୍ୟରେ ଏହାକୁ ସମର୍ଥନ କରିଛନ୍ତି । ଉତ୍କଳୀୟ ବୈଷ୍ଣବମାନେ ଜଗନ୍ନାଥଙ୍କର ପୂର୍ଣ୍ଣ ବ୍ରହ୍ମତ୍ୱ ଓ ନୀଳାଚଳର ମହିମାକୁ ସ୍ୱୀକାର କରିଛନ୍ତି ।

ବୌଦ୍ଧମାନଙ୍କ ଦୃଷ୍ଟିରୁ ଜଗନ୍ନାଥ ବୌଦ୍ଧ । ପ୍ରାଚୀନ କବିବୃନ୍ଦ ଜଗନ୍ନାଥଙ୍କୁ ଆଦିବୁଦ୍ଧ କହିଥିବା ବେଳେ ଜୈନମାନେ ଜଗନ୍ନାଥଙ୍କୁ ଋଷଭନାଥ କହନ୍ତି । ଶୈବ୍ୟମାନେ ଜଗନ୍ନାଥଙ୍କୁ ଶିବ ବୋଲି ଦର୍ଶାଇଥାନ୍ତି । ଶାକ୍ତମାନଙ୍କ ଦୃଷ୍ଟିରୁ ଜଗନ୍ନାଥ ହେଉଛନ୍ତି ମୂରଲୀମୋହନ ଗୋପୀଜନ ହୃଦୟହାରୀ ନନ୍ଦ ନନ୍ଦନ ଶ୍ରୀକୃଷ୍ଣ । ସେଭଳି ବ୍ରାହ୍ମଣ୍ୟ ଧର୍ମର ପୃଷ୍ଠପୋଷକମାନେ ତାଙ୍କୁ ବୈଦିକ ଦେବତା ପୁରୁଷୋତ୍ତମ ବୋଲି ଦର୍ଶାଇଛନ୍ତି । ଏସବୁ ଦୃଷ୍ଟିରୁ ଜଗନ୍ନାଥ ହେଉଛନ୍ତି ସକଳର ସମାହାର ଓ ସମନ୍ୱିତ ରୂପ । ବୌଦ୍ଧଧର୍ମର ମହାଯାନ ଶାଖାର ପ୍ରଚଳନ ଯୋଗୁ ବୌଦ୍ଧ ଓ ହିନ୍ଦୁ ଧର୍ମ ଭିତରେ ସମନ୍ୱୟ ସ୍ଥାପିତ ହେଲା ସେତେବେଳେ ଜଗନ୍ନାଥଙ୍କ ଠାରେ ବୁଦ୍ଧତ୍ୱ ଆରୋପଣ କରିଥିଲେ । ଏପରିକି ଜଗନ୍ନାଥଙ୍କୁ ବୁଦ୍ଧ ରୂପରେ ପ୍ରମାଣିତ କରିବା ପାଇଁ ବହୁ କଳ୍ପିତ ଉପାଖ୍ୟାନ ଓ କିମ୍ବଦନ୍ତୀକୁ ଅବତାରଣା କରାଯାଇଛି । ଫଳତଃ ଉତ୍କଳୀୟ ବୈଷ୍ଣବ ଗ୍ରନ୍ଥ ଗୁଡିକରେ ବିଭିନ୍ନ ସ୍ଥାନରେ ଜଗନ୍ନାଥଙ୍କର ବୁଦ୍ଧାବତାର ଗାଥା ଉଲ୍ଲେଖ କରାଯାଇଛି । ସାରଳା ଦାସ ତାଙ୍କ ମହାଭାରତର ବହୁ ସ୍ଥାନରେ ଲେଖିଛନ୍ତି- 'ସଂସାର ଜନକୁ ତରିବା ନିମନ୍ତେ / ବଉଧ ରୂପରେ ବିଜେ ଅଛ ଜଗନ୍ନାଥ।' ଜଗନ୍ନାଥ ଦାସ ତାଙ୍କ 'ପରଂବ୍ରହ୍ମ ଗୀତା'ରେ ଉଲ୍ଲେଖ କରିଛନ୍ତି - ବଉଧ ରୂପ ହେବା ପାଇଁ/ ପାଦ ପାଣି ଛାଡ଼ିଲି ତହିଁ। 'ଶୂନ୍ୟ ସଂହିତା'ରେ ଅଚ୍ୟୁତ ନନ୍ଦ ଦାସ ଲେଖିଛନ୍ତି- 'ବୋଲନ୍ତି ପ୍ରଭୁ ଭଗବାନ/ ବଉଧ ରୂପ ମୋ ଚୈତନ୍ୟ/ ତାଙ୍କ ଚରଣ ସେବାକର/ ଭକ୍ତିରେ ପଥକୁ ଆବର । ସେଭଳି ନୀଳାମ୍ବର ଦାସଙ୍କ' ଦେଉଳ ତୋଳା'ରେ ଉଲ୍ଲେଖ ଅଛି- 'ଠାକୁର ବୋଇଲେ ରାଧା ହୋଇଲୁକି ବାଇ/ କଳି ଯୁଗେ ବସିବୁ ବଉଧ ରୂପେ ଯାଇ'।

ଯାହାଫଳରେ ଜଗନ୍ନାଥଙ୍କୁ ଆଦିବୁଦ୍ଧ ଭାବରେ ପରିକଳ୍ପନା କରାଯାଇଛି । ବୌଦ୍ଧଧର୍ମର ଶୂନ୍ୟବାଦ, ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ, ନିର୍ବାଣ ତତ୍ତ୍ୱ, ବୁଦ୍ଧମାତା କଳ୍ପନା, କାଳଚକ୍ର ମତକୁ ବୈଷ୍ଣବମାନେ ଯଥାସମ୍ଭବ ଗ୍ରହଣ କରି ନେଇଛନ୍ତି । ଚୈତନ୍ୟ ଦାସଙ୍କ 'ନିର୍ଗୁଣ ମହାତ୍ମ୍ୟ' ଓ 'ବିଷ୍ଣୁଗର୍ଭ ପୁରାଣରେ' ଏବିଷୟରେ ଉଲ୍ଲେଖ ରହିଛି । ଉତ୍କଳୀୟ ବୈଷ୍ଣବମାନେ ଶୂନ୍ୟ ବାଦକୁ ଗ୍ରହଣ କରିଥିଲେ । ସେମାନଙ୍କ ସାହିତ୍ୟରେ ଶୂନ୍ୟ ପୁରୁଷ ଓ ବେଦାନ୍ତ ବର୍ଣ୍ଣିତ ବ୍ରହ୍ମ ହେଉଛି ଏକ ଓ ଅଭିନ୍ନ । ଅଚ୍ୟୁତାନନ୍ଦ ତାଙ୍କ 'ଶୂନ୍ୟ ସଂହିତା'ରେ ଦର୍ଶାଇଛନ୍ତି- 'ଶୂନ୍ୟ ପୁରୁଷର ଏତେକ ତେଜ/ ଶୂନ୍ୟ ହୋଇ ଭୋଗ କରଇ ରାଜ୍ୟ/ ଶୂନ୍ୟ ପୁରୁଷ ଅଲେଗ ରହିଛି/ ଶୂନ୍ୟ ପରେ ବସି ଲୀଳା କରୁଛି ।' ଓଡିଶୀ ବୈଷ୍ଣବମାନେ ଜଗନ୍ନାଥଙ୍କର ପରଂବ୍ରହ୍ମ ଓ ପୂର୍ଣ୍ଣବ୍ରହ୍ମତ୍ୱକୁ ବିଶ୍ୱାସ କରି ଆସୁଥିବାରୁ ତାଙ୍କୁ ଶୂନ୍ୟ ପୁରୁଷ କହିବାରେ ଦିପ୍ତା ନାହିଁ । ସେଭଳି ଜଗତ୍ ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଯୋଗୁଁ ଶୈବ୍ ଧର୍ମର ପ୍ରଭାବ ଜଗନ୍ନାଥ ଧର୍ମ ଉପରେ ପଡ଼ିଛି । ଯାହାର ଜଗନ୍ନାଥଙ୍କ ପୂଜା ବିଧାନ ବୈଦିକୀ, ତାନ୍ତ୍ରିକ ଓ ମିଶ୍ର ଏଭଳି ତ୍ରିବିଧ ରୂପେ ପ୍ରଚଳିତ । ଜଗନ୍ନାଥଙ୍କ ମନ୍ଦିର ବେଢ଼ାରେ ଶିବଙ୍କ ମନ୍ଦିର ଥିବା ଭଳି, ସେଭଳି ଶାକ୍ତ ମନ୍ଦିର ମଧ୍ୟ ସ୍ଥାନ ଲାଭ କରିଛି । ତେଣୁ ଉତ୍କଳୀୟ ବୈଷ୍ଣବମାନଙ୍କ ଗ୍ରନ୍ଥରେ ଉଭୟ ଧର୍ମର ପ୍ରଭାବ ପ୍ରତିଫଳିତ ହୋଇଥାଏ । ଦ୍ୱାରକା ଦାସଙ୍କ 'ଶିବ ପୁରାଣ'ରେ, ଜଗନ୍ନାଥ ଦାସଙ୍କ 'ତୁଳାଭିଣା', ବଳରାମ ଦାସଙ୍କ 'ଦାଣ୍ଡି ରାମାୟଣ' ଓ ସାରଳା ଦାସଙ୍କ ମହାଭାରତ'ରେ ଶିବଙ୍କ ମାହାତ୍ମ୍ୟ ବର୍ଣ୍ଣନା ରହିଛି ।

ବିଶେଷକରି ଉତ୍କଳରେ ପଞ୍ଚ ଦେବତାଙ୍କ ଉପାସନା ଥିବା ହେତୁ କବିଗଣ ସମନ୍ୱୟ ରକ୍ଷା କଳାଭଳି ନିଜର କାବ୍ୟରେ ଇଚ୍ଛାନୁସାରେ କେତେବେଳେ ବିଷ୍ଣୁ, ପୁନଶ୍ଚ କେତେବେଳେ ଶିବ, ଗଣେଶ, ଦୁର୍ଗା ଆଦିଙ୍କ ସ୍ତବ ଓ ମହିମା ଗାନ କରି ଅଛନ୍ତି । ଓଡିଶୀ ବୈଷ୍ଣବ ଧର୍ମ ଗ୍ରନ୍ଥରେ ଜଗନ୍ନାଥଙ୍କ ଚତୁର୍ଦ୍ଧାମୂର୍ତ୍ତିଙ୍କର ଅପୂର୍ବ ବର୍ଣ୍ଣନାର ସମାବେଶ ଦେଖିବାକୁ ମିଳେ । ଯଶୋବନ୍ତ ଦାସଙ୍କ 'ପ୍ରେମଭକ୍ତି ବ୍ରହ୍ମଗୀତା'- 'ଦେଖ ଯେ ରନ୍ ସିଂହାସନ/ କୋଟିଯେ ବ୍ରହ୍ମା ବିଷ୍ଣୁ ମାନ । କୋଟିଯେ ଶାଳଗ୍ରାମ ରୂପ/ ଅଛନ୍ତି ସିଂହାସନେ ଗୋପ୍ୟ । ଓଁ କାର ବ୍ରହ୍ମ ବିନ୍ଦୁ ସେହି/ଅନନ୍ତ ଶେଷ ଦେବ ସେହି।' ଦିବାକର ଦାସ ତାଙ୍କ ଜଗନ୍ନାଥ ଚରିତାମୃତ' ଉଲ୍ଲେଖ କରିଛନ୍ତି- 'ଶ୍ରୀ କାର ବଳଦେବ ଜାଣ/ ସୁଭଦ୍ରା ହ୍ରୀଁ ବୀଜ ପ୍ରମାଣ । ରାଧିକା ସଂଯୁକ୍ତ ଅଟନ୍ତି/ କ୍ଲୀଁ ବୀଜ ଜଗନ୍ନାଥ ମୂର୍ତ୍ତି । କୃଷ୍ଣ ହୃଦୟେ ରାଧାକାନ୍ତି/ ପୃଷ୍ଠେ ପ୍ରେମାଙ୍ଗ ତନୁ ଜ୍ୟୋତି । ଶ୍ୟାମଳା ଭାଗେ ସ୍ଥାୟୀ/ ଦକ୍ଷିଣେ ସୁଭଦ୍ରା ଯେ ସେହି ।' ଅଚ୍ୟୁତାନନ୍ଦ ତାଙ୍କ ଶୂନ୍ୟ ସଂହିତା'ରେ ଦର୍ଶାଇଛନ୍ତି- 'ଅବତାର ଦଶ ଏହି ଦାରୁରୂପ/ ଏହି ଦାରୁରେ ସେ ଲୀନ । ଈଶ୍ୱର ସାକ୍ଷାତେ ଲୀଳାର ନିମନ୍ତେ/ ବିଜେ ରନ୍ ସିଂହାସନ ।'

ଅଚ୍ୟୁତାନନ୍ଦ ଜଗନ୍ନାଥଙ୍କୁ ପ୍ରଣବ ମୂର୍ତ୍ତିର ପ୍ରତୀକ କହିଛନ୍ତି । ଦଣ୍ଡକ, ତାରକ, କୁଣ୍ଡଳୀ, ନାଦ ଓ ବିନ୍ଦୁ- ଜଗନ୍ନାଥଙ୍କ କଳେବର ଏହି ପଞ୍ଚମାତ୍ରାରେ ଗଠିତ । ଓଁ କାରର ପଞ୍ଚମାତ୍ରା ସହିତ ପଞ୍ଚଯନ୍ତ୍ରର ସାମ୍ୟ ରହିଛି । ଜଗନ୍ନାଥ ହେଉଛନ୍ତି ଏକ ମୂର୍ତ୍ତିଧର, ଯେଉଁଠି କେବଳ ଅନ୍ୟ ସକଳ ମୂର୍ତ୍ତିର ସମାବେଶ ଅର୍ଥାତ୍ ଅନ୍ତର୍ଲୀନତା ଘଟିଛି । ସେହିଁ ସ୍ରଷ୍ଟା ତଥା ସୃଷ୍ଟି ଶକ୍ତି, ସୃଷ୍ଟିର ଉପାଦାନ । ସୃଷ୍ଟିର ପ୍ରଥମ ସ୍ଫୁରଣ ରୂପେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ ରୂପେ ରନ୍ ସିଂହାସନରେ ଶୋଭା ପାଉଛନ୍ତି । ବାସ୍ତବରେ ବିଶ୍ୱ ସୃଷ୍ଟିର ଏଭଳି ସୂକ୍ଷ୍ମ ପରିକଳ୍ପନା କେଉଁଠି ବୋଧହୁଏ ନଥିବ । ତାଙ୍କର ଚତୁଷ୍ଟୟ ମୂର୍ତ୍ତି ଓ ବର୍ଣ୍ଣ ପରିକଳ୍ପନାରେ ବିଶ୍ୱ ପ୍ରସିରିଣୀ ଦୃଷ୍ଟି ଭଙ୍ଗୀ ନିହିତ, ସେ ବିଶ୍ୱ ସୃଷ୍ଟିର ଆଦର୍ଶଗତ ସୃଷ୍ଟିଧର । ସେଭଳି ଦେଖିବାକୁ ଗଲେ ସ୍ୱୟଂ ଜଗନ୍ନାଥ ଓଁକାର ରୂପୀ । ଜଗନ୍ନାଥ ପଞ୍ଚସଖାମାନଙ୍କୁ ଓଁ କାରର ବିଭିନ୍ନ ସଙ୍କେତିତ କରିଛନ୍ତି - ଆକାର ଅନନ୍ତ, ଉକାର ଅଚ୍ୟୁତ, ଏକାର ଯଶୋବନ୍ତ, ଐକାର ବଳରାମ ଓ ଅକାର ଜଗନ୍ନାଥ ଅଟନ୍ତି । 'ନୀଳଗିରି ଧ୍ୟାନ' ପାଣ୍ଡୁଲିପି ଅନୁସାରେ- 'ଆକାରଂ ଅନନ୍ତଭିଙ୍କେ / ଉକାରଂ ଶ୍ରୁତି ଭାବୟେ/ ଏକାରଂ ଯଶୋବନ୍ତଶ୍ଚ/ ଐକାରଂ ବଳରାମକମ୍/ ଅକାରଂ ଜଗନ୍ନାଥଂଚ/ ପଞ୍ଚମାତ୍ରା ବିଧୂୟତେ/ ଏବଂ ପଞ୍ଚ ନଜାନାମି/ ନ ଗୁରୁ ନଚ ବୈଷ୍ଣବ ।'

ବାସ୍ତବରେ ଉତ୍କଳୀୟ ସନ୍ଥ ବୈଷ୍ଣବମାନେ ସ୍ୱଭକ୍ତି ଧର୍ମ ପ

ମଣିଷପଣିଆ

ସୁଷମା ପରିଜା

ଡ୍ରଇଁରୁମ୍‌ରୁ ବିକିର ଗର୍ଜନ ଶୁଭୁଥିଲା "ବଦମାସ୍ ! ମୂର୍ଖ କୋଉଠିକାର ! ଇଏ କ'ଣ କରିଛୁ ? ତତେ ବାରମ୍ବାର ମନା କରିଥିଲି ନା' କୌଣସି ଜିନିଷ ଭାଙ୍ଗିବୁ ନାହିଁ! ଆଉ ଦିନେ ଏମିତି କରିବୁ...?" ସେ ଗର୍ଜନ ଶୁଣି ଘର ଭିତରେ ବସି ଝିଆରି ସହିତ ଗପସପ କରୁଥିବା ଶକୁନ୍ତଳା ଉଠି ଆସିଲେ ଡ୍ରଇଁରୁମ୍‌କୁ। ଚେୟାର୍ ଉପରେ କାନ ଧରି ଦୋଷୀଟିଏ ଭଳି ଠିଆ ହୋଇଥିଲା ପାଞ୍ଚ ବର୍ଷର ବୁବୁନ୍, ବାପଠାରୁ ମାଡ ଖାଇ ପେଟ ଭିତରୁ ଉଠି ଆସୁଥିବା କୋହକୁ ତଣ୍ଟିରେ ଭିତରେ ଚାପି ରଖିବାର ପ୍ରୟାସରେ ତା'ର ଗୋରା ମୁହଁଟା ନାଲି ପଡି ଯାଇଥିଲା । ତା' ନୀରିହ ଆଖିରୁ ଲୁହ ଝରୁଥିଲା ସିନା ପାଟିରୁ ଶବ୍ଦଟିଏ ବାହାରୁ ନଥିଲା । ନାତିର ଅବସ୍ଥା ଦେଖି ଶକୁନ୍ତଳାଙ୍କର ଛାତି ଭିତରେ କଲିଜାଟା ଛିଡି ପଡୁଥିଲା ଯେମିତି । ସେ ଆଗେଇ ଯାଇ କୁଣ୍ଢେଇ ପକେଇଲେ ବୁବୁନ୍‌କୁ। ବୁବୁନ୍ ଗୋଟାପଣେ ଥରୁଥିଲା। ଶକୁନ୍ତଳା କୋହ କୋହ ହୋଇ ଉଠୁଥିଲେ । ଏଥର ବିକିର ଶାଣିତ ଦୃଷ୍ଟି ବୁଲିଗଲା ଶକୁନ୍ତଳାଙ୍କ ଆଡକୁ " ତୁ ଏଇଠି ଥିଲୁଟି ବୋଉ ! କେମିତି ଦେଖି ପାରିଲୁନି' ଛୁଆଟା କ'ଣ କରୁଛି । ଦେଖ୍...କ'ଣ କରିଛି ସେ ଆକ୍ୱାରିୟମ୍ ତଳେ ପଡିଥିବା ଫୋମ୍ ମ୍ୟାଟ୍‌କୁ ଟିକି ଟିକି କରି ଛିଡେଇ ଘର ସାରା ଫୋପାଡିଛି, ଫ୍ୟାନ୍‌ରେ ଉଡି ଚାରିଆଡ ଯାକ ଘୁରି ବୁଲୁଛି ସେ ଖଣ୍ଡ ସବୁ, ଇସ୍.. କି ଅସନା କରିଛି ସେ ଡ୍ରଇଁରୁମ୍‌କୁ, ଛିଃ ....। ସମସ୍ତେ ତ' ନିଜ ନିଜ କାମରେ ବ୍ୟସ୍ତ, କାହାର ଆଉ କୁଆଡିକି ଲକ୍ଷ୍ୟ ଅଛି ଯେ ....। ବୋଧହୁଏ ସେ ପଦକ ସେଇଠି ପାଖରେ ବସି ମୋବାଇଲ୍‌ରେ ମୁହଁ ଗୁଞ୍ଜିଥିବା ତା' ବାପାଙ୍କ ଉଦ୍ଦେଶ୍ୟରେ ଥିଲା । ଶକୁନ୍ତଳାର ଛାତି ଭିତରଟା ଧମ୍ ଧମ୍ ହେଉଥିଲା, ସେ ଜାଣି ପାରୁନଥିଲା ସେଇଟା ଦୁଃଖ କି କ୍ରୋଧ କି ଅପମାନରେ ... । ତା' ଆଖିରେ ନାଚି ଯାଉଥିଲା ତିରିଶି ବର୍ଷ ତଳର ଘଟଣାଟିଏ..

ସଂଯୁକ୍ତ ପରିବାରର ଯାବତୀୟ ଘର କାମ, ଅଫିସ୍ କାମ ଆଉ, ପିଲାମାନଙ୍କର, ଜଞ୍ଜାଳ ଭିତରେ ପେଷି ହୋଇ ପଡୁଥାଏ ଶକୁନ୍ତଳା । ଛଅ ମାସର ହେଲାବେଳକୁ ଏଇ ବିକିକୁ ଅଜା ଆଈ ନେଇ ଯାଇଥିଲେ ତାଙ୍କ ପାଖକୁ ଯେ ସାଢେ ଚାରିବର୍ଷର ହେଲା ପରେ ସ୍କୁଲ୍‌ରେ ପାଠ ପଢିବାକୁ ଆସିଲା ତା' ପାଖକୁ। ଅଜା ଆତଙ୍କ ପାଖରେ ଗେହ୍ଲାରେ ବଢିଥିବାରୁ ଭୀଷଣ ଜିଦ୍‌ଖୋର୍ ହୋଇଥାଏ। ସବୁ କଥାରେ ଜିଦ୍, ଏଇଟା ନେବ ତ' ନେବ , ଏଇଟା କରିବ ତ' କରିବ । ସେଇ ସମୟରେ ଯଦି କେବେ ଶକୁନ୍ତଳା ବିରକ୍ତ ହୁଏ କି ରାଗେ ସାଙ୍ଗେ ସାଙ୍ଗେ ଶାଶୁ କହି ଉଠନ୍ତି " ମା' ରେ ! କ'ଣ କରୁଛୁ ତୁ ! ଏଡେ ବକଟେ ଛୁଆ, ସହଜେ ଏତେ ଦିନ ତୁମ ସ୍ନେହରୁ ବଞ୍ଚିତ ହୋଇ ଅଜା ଘରେ ରହିଲା, ତା' ଉପରେ ରାଗୁଛୁ? ଦେଖ୍ ଝିଅ! ଖାଲି ଉନଚେଇବୁ ସିନା, ତା' ଦେହରେ ହାତ ଲଗାଇବୁ ନାହିଁ କେବେ, ପିଲାମାନଙ୍କୁ ଥରେ ବାଡେଇଲେ ସେ ପିଠିଆ ହୋଇଯିବେ, ଆଉ ମାଡକୁ ଭୟ ରହିବନି । ତା'କୁ ଭଲରେ ବୁଝାଇବା ପାଇଁ ଚେଷ୍ଟା କରିବୁ , ବଡ ହେଲେ ଧୀରେ ଧୀରେ ସେ ନିଜେ ବୁଝିଯିବନି' କି । "ଅଗତ୍ୟା ଶକୁନ୍ତଳାକୁ ଚୁପ୍ ରହିବାକୁ ପଡେ। ଶକୁନ୍ତଳା ବୁଝାଇ ଶୁଣାଇ ଥକିଯାଏ କିନ୍ତୁ ବିକିର ଦୁଷ୍ଟାମୀ କମେ ନାହିଁ ବରଂ ବଢି ବଢି ଯାଉଥାଏ।

ଦିନକର ଘଟଣା..

ଅନ୍ୟ କୌଣସି ବିଳାସବ୍ୟସନର ପ୍ରିୟ ନହେଲେ ମଧ୍ୟ ନିଜର ଛୋଟ ଫିଲିପ୍ସ୍ ରେଡିଓଟି ଖୁବ୍ ପ୍ରିୟ ଶାଶୁଙ୍କର। ଘରେ ବୁଶ୍ କମ୍ପାନୀର ବଡ ବଡ ଦୁଇଟି ରେଡିଓ ଥିଲେ ମଧ୍ୟ ସବୁବେଳେ ନିଜ ରେଡିଓଟି ତାଙ୍କ ପାଖରେ ରଖି ସେ ସେଥିରୁ ସମ୍ବାଦ, ଭଜନ ସବୁ ଶୁଣୁଥିବେ । ଅନ୍ୟ କେହି ସେ ରେଡିରେ ହାତ ଲଗାନ୍ତି ନାହିଁ । ବିକି ସେତେବେଳକୁ ଠିକ୍ ବୁବୁନ୍ ବୟସର । ଶାଶୁଘରେ ପୁରୁଣା କାଳିଆ ଦୁଇ ମହଲା କୋଠାଘର, ସେଠାରେ ରହିବା, ଶୋଇବା ସବୁ। ତଳେ ଆଉ ଗୋଟିଏ ଖଞ୍ଜାରେ ରୋଷେଇ ଘର, କୂଅ , ଗାଧୁଆ ଘର ତୁଳସୀ ଚଉଁରା ଇତ୍ୟାଦି ଇତ୍ୟାଦି । ସକାଳ ହେଲେ ଶକୁନ୍ତଳା ଓହ୍ଲାଇ ଆସେ ତଳ ଖଞ୍ଜାକୁ ପିଲାମାନେ ଶାଶୁ ନଣନ୍ଦ ଦିଅର ସମସ୍ତେ ଥାଆନ୍ତି ଦୁଇ ମହଲା ଉପରେ। ଶକୁନ୍ତଳାକୁ ତରତର ହୋଇ ରୋଷେଇବାସ, ପିଲାମାନଙ୍କ କାମ ସାରି ନଅଟା ବେଳକୁ ଅଫିସ୍ ଯିବାକୁ ହୁଏ। ସେଦିନ ସେମିତି ତରବରରେ ରୋଷେଇ କରୁଛି ଉପର ମହଲାରୁ ବଡ ପୁଅ ଆଉ ଝିଅଙ୍କର ଚିତ୍କାର ଶୁଭିଲା "ବୋଉ ! ବିକି କ'ଣ କଲା ଦେଖିବୁ ଆ' ..। ରୋଷେଇ ଘର ଭିତରୁ ବାହାରକୁ ଆସି ଦେଖିଲା ବେଳକୁ ଶାଶୁଙ୍କର ପ୍ରିୟ ରେଡିଓଟି ଟୁକୁରା ଟୁକୁରା ହୋଇ ବିଛାଡି ହୋଇ ପଡିଛି କୋଠା ଘର ଆଉ ଚାଳଘର ମଝି ଗୋହିରୀରେ। ଭୀଷଣ ରାଗରେ ଶକୁନ୍ତଳା ଧାଇଁ ଗଲା କୋଠା ଉପରକୁ ବିକିକୁ କଷିକରି ଦି' ଚାରି ପାହାର ପକେଇବା ପାଇଁ ।

ଧଇଁ ସଇଁ ହୋଇ ପଚିଶି ପାହାଚ ଉଠି ଦୁଇ ମହଲା ଉପରେ ପହଞ୍ଚିଲା ବେଳକୁ ବିକିର ଭୟାତୁର ମୁହଁ ଆଉ ଛଳଛଳ ଆଖିକୁ ଚାହିଁ କାନ୍ଦ କାନ୍ଦ ହୋଇଗଲା ଶକୁନ୍ତଳା । ତା'କୁ କୋଳେଇ ନେବାକୁ ଯିବା ବେଳକୁ ଶାଶୁ ଭାବିଲେ ସେ ତା'କୁ ମାରିବା ପାଇଁ ଯାଉଛି ତେଣୁ ବଡ ପାଟିରେ କହି ଉଠିଲେ ..

"ତତେ ମୋ'ରାଣ ଝିଅ, ବିକିକୁ ମୋଟେ ମାରିବୁନି । ସିଏ ଛୋଟ ପିଲା, କ'ଣ ବା' ଜାଣିଛି? ରେଡିଓଟି ମାଗିଲା ମତେ, ମୁଁ ନଦେବାରୁ ରାଗରେ ରେଡିଓଟା ଭିଡି ନେଇ ଝରକା ବାଟେ ଫିଙ୍ଗିଦେଲା ତଳକୁ। ଯଦି ସେ ବୁଝିଥାନ୍ତା ତଳେ ପଡିଲେ ସେଇଟି ଭାଙ୍ଗିଯିବ କି ନଷ୍ଟ ହୋଇଯିବ, ତେବେ ସେ ଫିଙ୍ଗିଥାନ୍ତା କି? ବଡ ହେଲେ ବଳେ ଭଲ ମନ୍ଦ ବୁଝିଯିବ ସିଏ। ମା'ରେ ! ଘରର ଆସବାବପତ୍ରଟିଏ ନଷ୍ଟ ହେଲେ ମନ ଖରାପ ହେବା ସ୍ୱାଭାବିକ କଥା । ହେଲେ ବିକି ପରା ଆମର ଅମୂଲ୍ୟ ସମ୍ପଦ, ତା' ତୁଳନାରେ ଏ ରେଡିଓ କେଡେ ତୁଚ୍ଛ ପଦାର୍ଥ। ଆଜି ଭାଙ୍ଗିଲେ କାଲି ଆଉ ଗୋଟିଏ ରେଡିଓ ଆଣିବା କିନ୍ତୁ ଆମକୁ ବିକିଟିଏ ମିଳିବ କି ?"

ଶକୁନ୍ତଳା ସେଦିନ ତଟସ୍ଥ ହୋଇ ଶୁଣିଥିଲା ଶାଶୁଙ୍କର ଉଦାର ହୃଦୟର କଥା। ବିକିକୁ କାଖରେ ଧରି ତାଙ୍କ ପାଦ ଛୁଇଁ ଆଶୀର୍ବାଦ ନେଲା। ତା' ପରଦିନ ଦିଲ୍ଲୀରେ ଥିବା ତା' ସାନଭାଇକୁ ସବୁକଥା କହି ଛୁଟିରେ ଘରକୁ ଆସିଲା ବେଳେ ଶାଶୁଙ୍କ ପାଇଁ ଠିକ୍ ସେମିତି ରେଡିଓଟିଏ ଆଣି ଦେବାକୁ କହିଥିଲା। ଅଳ୍ପ କିଛି ଦିନ ପରେ ଛୁଟିରେ ଆସିଥିଲା ଭାଇ ଆଉ ଶାଶୁଙ୍କ ପାଇଁ ଆଣି ଦେଇଥିଲା ଅବିକଳ ସେମିତି ରେଡିଓଟିଏ। ସେଦିନର ଘଟଣାରେ ଶାଶୁ କହିଥିବା କଥା ପଦିକ ସତ ହୋଇଥିଲା, ସେଦିନ ପରେ ରାଗରେ ବିକି ଆଉ କେବେ ବି ରେଡିଓ ଭାଙ୍ଗି ନଥିଲା । ସେଇ ରେଡିଓଟି ଶାଶୁଙ୍କର ଶେଷ ଦିନ ଯାଏଁ ତାଙ୍କ ପାଖରେ ଥିଲା, ଶେଷଯାତ୍ରାରେ ତାଙ୍କ ସହିତ ଯାଇଥିଲା ସେଇ ରେଡିଓଟି। ଚଳଚ୍ଚିତ୍ର ଭଳି ଅତୀତ ନାଚି ଯାଉଥିଲା ସ୍ମୃତି ପଟଳରେ। ଶାଶୁଙ୍କର ସ୍ମୃତିରେ ସଜଳ ହେଉଥିଲା ଶକୁନ୍ତଳାର ଆଖି। ଟୋପା ଟୋପା ଲୁହ ଝରି ପଡୁଥିଲା ପିନ୍ଧା ଶାଢୀରେ।

--"ବୋଉ ! ସେଇଠି ଠିଆ ହୋଇ ସେମିତି କାନ୍ଦୁଥିବ ନା' କ'ଣ, ଜାଣିଛ ତ ତୁମ ପୁଅ ରାଗୀ ମଣିଷ, ରାଗରେ କ'ଣ କହିଦେଲେ, ସେଇ କଥାକୁ ଧରିଲେ ହେବ ? ଛାଡ ସେ କଥା..

"ବୋହୂର କଥା ଶୁଣି ପ୍ରକୃତିସ୍ଥ ହେଲା ଶକୁନ୍ତଳା । ସେ ମନେ ମନେ ଭାବୁଥିଲା "ବିକିର ହୁଏତ ସେ ପିଲା ଦିନର କଥା ମନେ ନଥିବ ହେଲେ ଆଜି ସିଏ ତା' ଶାଶୁଙ୍କ ଭଳି ଦି'ପଦ କଥା କହି ବିକିକୁ ଅଟକାଇ ପାରିଲାନି କାହିଁକି? ତା' ଭିତରେ ତା' ଶାଶୁଙ୍କ ଭଳି ମଣିଷପଣିଆ ନାହିଁ ନା' ସେ ବୟସ ଭାରରେ ଦୁର୍ବଳ ହୋଇ ପଡିଛି? ବିକିର ବାକ୍ୟବାଣରେ ଶରବିଦ୍ଧ ହେଲାଭଳି ଛଟପଟ ହେଉଥିବା ସତ୍ତ୍ୱେ ମଧ୍ୟ ସେ ମୁହଁ ଖୋଲି ପଦେ ପ୍ରତିବାଦ କରି ପାରିଲାନି କାହିଁକି?

+ଶାରଳା ଭବନ ପୋତାପୋଖରୀ
ନୂଆବଜାର କଟକ

ପିଲାଙ୍କ ପ୍ରତି ଦାୟିତ୍ୱହୀନତା

ସାମ୍ପ୍ରତିକ ରଙ୍ଗ

ଶ୍ୱେତା ରାଉତ୍

କୋଡିଏ ବର୍ଷର ପୁଅଟିଏ ହଠାତ୍ ଦିନେ ରାଗ ତମତମ ହୋଇ ବାପା,ମା,ଘରଦ୍ୱାର ଛାଡି ଖୁବ୍ ଦୂରକୁ ଚାଲିଗଲା। ଘରେ ଯିଏ ଯେତେ ଅଟକାଇଲେ ପିଲାଟି ଶୁଣିବାକୁ ନାରାଜ। ଏକା ଜିଦ୍ ସେ ଆଉ ପାଠ ପଢିବ ନାହିଁ।ବିଦେଶ ଯାଇ କୌଣସି କାମ କରି ପଇସା ରୋଜଗାର କରିବ। ଘରକୁ ଆଉ ଫେରିବନି କିମ୍ବା କାହାଠୁ ଟଙ୍କାଟିଏ ନେବନି କି ଦେବନି। ପୁଅର ଏମିତି ଜିଦ୍ ଶୁଣି ବାପା ମାଆ ବ୍ୟସ୍ତ ବିବ୍ରତ ହୋଇ ପୁଅ ହାତକୁ ଭିଡି ଧରିଲେ। ବାପା ମାଆଙ୍କ ହାତକୁ ଛାଟି ଦେଇ କାନ୍ଧରେ ବ୍ୟାଗ୍ ପକାଇ ଚାଲିଗଲା ପୁଅ। ଗୋଟେ ବୋଲି ପୁଅ ଘର ଛାଡି ଚାଲିଗଲା ପରେ ବାପା ମାଆ କଳି ଲାଗିଗଲେ। ପରସ୍ପର ଉପରେ ଆରୋପ ପ୍ରତ୍ୟାରୋପ କରି ପୁଅ ଚାଲିଯିବାର କାରଣ ମାଆର ଅବହେଳା ବୋଲି ବାପ କହୁଥିବା ବେଳେ, ବାପର ଦାୟିତ୍ୱହୀନତା ପାଇଁ ଏମିତି ହେଲା ବୋଲି ମା ଅଭିଯୋଗ କରୁଥିଲେ। ଦୁହେଁ ଯୋର୍ କଳି ଲାଗିବା ପରେ ମାଆ ଗୁମ୍ ହୋଇ ବସି ପଡି କହିବାକୁ ଲାଗିଲେ'ମୋ ପୁଅର ବୋଧେ ଗ୍ରହ ଖରାପ ଅଛି।ତାକୁ କିଏ ଗୁଣି କରିଛି'। ପରଦିନ ଗୁଣିଆ ପାଖକୁ ଯାଇ ପ୍ରତିକାର ପଚାରିବାରୁ ଗୁଣିଆ କହିଲା'ପୁଅ ଉପରେ ବଡ ବିପଦ ଅଛି, ସେ କାହାକୁ ମାନିବ ନାହିଁ କି କାହା କଥା ଶୁଣିବ ନାହିଁ, ତାର ଗ୍ରହ ଦୋଷ ଅଛି। ତୁମେ ତାକୁ ବୁଝାଇ ସୁଝାଇ ରଖିବାକୁ ଚେଷ୍ଟା କର। ନିଜ ହାତରେ ଖିରି ରାନ୍ଧି ଗାଁ ସାରା ବାଣ୍ଟିବା ସହିତ କିଛି ଉପଚାର କହୁଛି ନିଶ୍ଚୟ କରିବ'।

ଅନେକ ଅଞ୍ଚଳରେ ଦେଖାଯାଏ, ପିଲାଟିଏ ଅଧିକ ଉଶୃଙ୍ଖଳିତ ହେଲେ କିମ୍ବା ଦୁର୍ବ୍ୟବହାର କଲେ ତାର ଗ୍ରହ ଖରାପ ଅଛି, କିଏ ଗୁଣି କରିଛି ବୋଲି ପରିବାର ଲୋକ କହିଥାନ୍ତି। ଗୋଟେ ଅନ୍ଧବିଶ୍ୱାସର ଦ୍ୱାହୀ ଦେଇ ନିଜ ଲାଳନପାଳନ ଓ ଦାୟିତ୍ୱହୀନତାର ଆରୋପରୁ ଖସିଯିବାକୁ ଚେଷ୍ଟା କରିଥାନ୍ତି। ପ୍ରକୃତରେ ଏହା ଏକ ମାନସିକ ରୋଗ ହୋଇଥାଏ, ଯାହାର କାରଣ କେବଳ ଅଭିଭାବକ ହୋଇଥାନ୍ତି। ପ୍ରସଙ୍ଗରେ ଏ ଯେଉଁ ପିଲାଟିର କଥା ଉଲ୍ଲେଖ କରିଛି , ଜାଣିବାକୁ ପାଇଲି ସେ ପିଲାର ବାପା ବାହାରେ ଚାକିରି କରନ୍ତି। ପିଲାଟି ତା ମା, ଜେଜେ ବାପା,ଜେଜେ ମା ସହିତ ରୁହେ। ତା ମା, ଜେଜେ ବାପା, ଜେଜେ ମା'ଙ୍କୁ ଅକଥନୀୟ ନିର୍ଯ୍ୟାତନା ଦେଉଥିବାର ସେ ସବୁବେଳେ ଦେଖେ। ସେମାନଙ୍କୁ ଭଲରେ ମୁଠେ ଖାଇବାକୁ ଦିଏନାହିଁ। ତା ବାପାର ଅନୁପସ୍ଥିତିରେ ସବୁଦିନ ଜଣେ ଅପରିଚିତ ବ୍ୟକ୍ତି ତାଙ୍କ ଘରକୁ ଆସେ ଓ ତା ମାଆ ସହିତ ଅବୈଧ ସମ୍ପର୍କ ରଖେ। ଜେଜେ ବାପା, ଜେଜେ ମା ବାରଣ କରିବାରୁ ତାଙ୍କୁ ତା ମାଆ ବାଡାପିଟା କରେ। ଛୋଟ ପୁଅଟି ନ ସହିପାରି କିଛି କହିଦେଲେ ତାକୁ ବି ନିଷ୍ଠୁକ ମାଡ଼ ଖାଇବାକୁ ପଡେ। ମାଆ ଥାଇ ବି ଜନ୍ମରୁ ପିଲାଟି ଯେମିତି ମାଆ ସ୍ନେହରୁ ବଞ୍ଚିତ ରୁହେ ଓ ସବୁବେଳେ ପରିବାରରେ ଅସନ୍ତୋଷ ଦେଖୁଥାଏ। ବିଦେଶରୁ ବାପା ଘରକୁ ଆସିଲେ ଯଦି ମାଆକୁ ଏସବୁ କଥାରେ ତାଗିଦ୍ କରନ୍ତି, ତା ମାଆ ଘରଛାଡି ବାପଘରକୁ ଚାଲିଯାଏ ଓ ଭାଇମାନଙ୍କ ଦ୍ୱାରା ସ୍ୱାମୀକୁ ମାଡ ମରାଏ।ପିଲାଦିନରୁ ଏଭଳି ଏକ ବାତାବରଣରେ ବଢିଥିବା ପିଲାଟିର ମାନସିକ ସ୍ଥିତି ବିଗିଡିବା ସ୍ୱାଭାବିକ। ପାରିବାରିକ ଅସନ୍ତୋଷ, ହତାସବୋଧ, ନିରୂତ୍ସାହିତ ପିଲାଦିନ ପିଲାଟିର ମସ୍ତିଷ୍କକୁ ଯେତେବେଳେ ଅତିମାତ୍ରାରେ ଆକ୍ରାନ୍ତ କରେ ଓ ସେ ପାଗଳପ୍ରାୟ ବ୍ୟବହାର କରିବା ସ୍ୱାଭାବିକ। ସେତେବେଳେ ଏହା କେଉଁ ଗ୍ରହର ପ୍ରଭାବ କିମ୍ବା ଗୁଣି ଗାରେଡି କହି ପ୍ରହସନ କରିବା ଆଦୌ ଯଥାର୍ଥ ନୁହେଁ। ଅଯଥା ଅନ୍ଧବିଶ୍ୱାସ ଜାଲରେ ପଡି ଯାହା କଲେ ବି ଆଦୌ ପିଲା ସୁଧୁରିବ ନାହିଁ।

ପିଲାକୁ ଗଢିବାକୁ ମାଆ ବାପାଙ୍କର ଦାୟିତ୍ୱ ଯେତିକି ଆବଶ୍ୟକ, ଶ୍ରଦ୍ଧାନୁରାଗ ମଧ୍ୟ ସେତିକି ଜରୁରୀ। ପିଲା ସବୁବେଳେ ଯାହା ଦେଖିଥାଏ, ସେଭଳି ହୋଇଥାଏ। ତେଣୁ ବାପା ମାଆ ନିଜ ସଂସ୍କାର ପ୍ରତି ନିଶ୍ଚୟ ଧ୍ୟାନ ଦେବା ଉଚିତ। କେବେ ଯଦି ଆପଣଙ୍କ ପିଲା ଏଭଳି ଚିଡିଚିଡା ହେବା, ରାଗିବା ଭଳି ବ୍ୟବହାର କରୁଥାଏ, ଭଲଭାବେ ଜାଣି ରଖନ୍ତୁ ଏହା ଆଦୌ କୌଣସି ଗ୍ରହର ପ୍ରଭାବ କିମ୍ବା ଗୁଣି ଗାରେଡି ନୁହେଁ। ନିଜ ଲାଳନପାଳନର ଅଭାବ, ଦାୟିତ୍ୱହୀନତାର ପ୍ରତିଫଳନ ଯାହା ପିଲାକୁ ଏକ ମାନସିକ ରୋଗୀ ଭାବେ ପରିଣତ କରିଥାଏ। ତେଣୁ ନିଜ ପିଲା ସହିତ ଯଥେଷ୍ଟ ସମୟ ଦେଇ ସମ୍ପର୍କର ମିଠାପଣକୁ ଆହୁରି ମଜବୁତ୍ କରନ୍ତୁ, ନିଜ ଦାୟିତ୍ୱର ତର୍ଜମା କରନ୍ତୁ। ଅଯଥାରେ ପିଲାକୁ ଦୋଷ ଦିଅନ୍ତୁ ନାହିଁ।

+ ରାଉତ୍ କମ୍ପ୍ଲେକ୍ସ,କଟକ ରୋଡ୍, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

ବର୍ଷୁକୀ ନାଦ

ଜୟଶ୍ରୀ ପଟ୍ଟନାୟକ

ବରଷାକି ଆଜି ଦେଇଛି ଗୋ ସଖୀ, ଘନ ବନାନୀରେ ପାଣି ଝିପି ଝିପି ହୋଇ ବରଷି ଯାଉଛି, ବିରହୀ ମନକୁ ଜାଣି ବନ୍ଧ୍ୟା ମାଟି ଏବେ ହେଲାଣି ବତର, ପାଇ ବରଷାର ଛିଟା ପୁଲକିତ ଏବେ ତନୁମନ ତାର, ଦେଖି କଳା ଘନଘଟା ।

ବର୍ଷୁକୀ ନାଦରେ ଜଗାଏ ସ୍ୱପ୍ନ, କାହା ଆଖି ତଳେ ଥାଇ କା ଆଖିରୁ ନିଦ ଚୋରାଏ ସେ ପୁଣି, ପ୍ରତୀକ୍ଷାର ରୂପ ନେଇ ଭିଜିଯାଏ ମନ ତା ପ୍ରେମ ବନ୍ଧନେ, ଯାଦୁ କରିଛି କି ସେଇ ମାଟିରୁ ଆକାଶ ତାର ପ୍ରୀତି ଚିହ୍ନ, ପରଶ ଯାଇଛି ଦେଇ ।

ଶାନ୍ତି ଦେଇଛି ନିଦାଘ ଜ୍ୱାଳାରୁ, ଆତ୍ମୀୟତା ଭରିଦେଇ ଆତ୍ମତୃପ୍ତିର ରଙ୍ଗ ଯେ ବୋଳିଛି, ଅମୃତକୁ ସିଂଚିଦେଇ ନୂପୁର ନିନାଦେ କରି ଆତ୍ମହର, ଅଭିସାର ସେ ରଚିଛି ପ୍ରୀତି ବରଷାରେ ମଧୁର ମୂର୍ଚ୍ଛନା ସବୁରି ପ୍ରାଣେ ଭରିଛି ।

ବିରହୀ ପ୍ରାଣକୁ କରିଛି ଶୀତଳ ଝର ଝର ଝରିଯାଇ ଭିଜାମାଟିର ସେ ବାସ୍ନା ଦେହରେ ଯାଏ ନିଜକୁ ହଜାଇ ।

+ଗଙ୍ଗନଗର, ଭୁବନେଶ୍ୱର
ମୋ: ୭୯୭୮୧୧୦୪୭୪

ତୋ ଭାବନାରେ

ଝରଣା ବାରିକ

ତୋ ଭାବନା ରାଇଜେ
ମୁଁ ଅଛି ବୋଲି
ମୋ କଥା ନିତି
ଭାବୁଛୁ,

ତଥାପି ମନକୁ
ଉଣା କରିଦେଇ
ଖାଲି ଅଭିମାନ
କରୁଛୁ।

ହୃଦୟ ଭିତରେ
ସାଇତି ରଖିତୁ
ଦେବୀ ବୋଲି
ପୂଜା କରୁଛୁ,

ପ୍ରେମର ନଦୀ ରେ
ଭାସି ଭାସି ଯାଉ
କୁଳ କି କିନାରା
ଖୋଜୁଛୁ।

ସାମୁକା ହୋଇକି
ମୁକୁତା କରିତୁ
ତୋରି ଭିତରେ
ରଖିଛୁ,

ଏଠି ସେଠି ଖୋଜୁ
ନ ଜାଣିବା ପରି
ସତେ ବା ହଜେଇ
ଦେଇଛୁ।

+ସମଲ, ତାଳଚେର, ଅନୁଗୋଳ

ତ୍ରିରଙ୍ଗା

ପ୍ରିୟଦର୍ଶିନୀ ମହାପାତ୍ର

ସେଇ ତିନି ରଙ୍ଗରେ ରଙ୍ଗୀନ ଆଜି
ଦିଶେ ମୋ ଭାରତ ଭୂଇଁ
ଶାନ୍ତି, ମୈତ୍ରୀ, ବୀରତ୍ୱ ପ୍ରତୀକ
ଉଡୁଥାଏ ବାର୍ତ୍ତା ଦେଇ ।
ମୋ ଦେଶରେ ଆଜି ଗରବେ ସର୍ବେ
ହୁଅନ୍ତି ଏକାଠି ଜନ
ଗୋଟିଏ ଚେତନା କୋଟିଏ ଭିତରେ
ଆମେ ଭାରତ ମାତାର ସନ୍ତାନ ।
ଏକତା ର ରଙ୍ଗେ ରଙ୍ଗୀନ୍ ଆମେ
ବୋଲି ଦେଲେ ଗାନ୍ଧୀ ମହାନ
ନୂତନ ଭାବନା ଜାଗରଣ କଲା
ଆମ୍ଭେଦକରଙ୍କ ସମ୍ବିଧାନ ।
ଗାନ୍ଧୀ, ଗୋପବନ୍ଧୁ ସୁବାସ ବୋଷଙ୍କ
ହାତଗଢ଼ା ଦେଶ ଏହି
ଶାନ୍ତି ମୈତ୍ରୀ ବୀରତ୍ୱ ପ୍ରତୀକ
ଉଡୁଥାଏ ବାର୍ତ୍ତା ଦେଇ ।

+ଶିକ୍ଷୟିତ୍ରୀ, ଭୁବନେଶ୍ୱର

ଠିକ୍ ବନ୍ଧୁ

ଲକ୍ଷ୍ମୀପ୍ରିୟା ମାଇତି

ବନ୍ଧୁ ତ ସମସ୍ତେ ହୋଇପାରିବେ
ଦୁଇଟି ଶବ୍ଦରେ
କିନ୍ତୁ ପ୍ରକୃତ ବନ୍ଧୁ କର୍ତ୍ତବ୍ୟ ନିଭାଏ
ପ୍ରତି ପାହାଚରେ।

ଦୁଃଖ ହେଉ ସୁଖ
ହସ ହେଉ ଲୁହ
ପାଖେ ପାଖେ ଥାଏ
ସବୁ ସମୟରେ।

ନଥାଏ ମନରେ ଛଳନା
କହେନି ସେ କେବେ ମିଛ
ଅବାଟକୁ ସିଏ ଟାଣେନି
ହୋଇପାରେନି ସେ ମ୍ଳେଚ୍ଛ।

ସେଇ ତ ପ୍ରକୃତ ବନ୍ଧୁ
ତାକୁ କେବେ ଭୁଲିବନି
ଆଉ ଯେତେ ସବୁ
କଥା କୁହାଳିଆ ସୈତାନ
ତାଙ୍କୁ ଆପଣାର ମଣିବନି।

+ଏରସମା, ଜଗତସିଂହପୁର

ଆଶାୟୀ ଅହଲ୍ୟା

କୌମୁଦୀ ଦାସ

ତୁମେ ଥିଲ ନଭେ ବଉଦମେଳାର
କିରଣ ଶୋଭା
ମୁଁ ଥିଲି ତୁମର କିରଣ ରାଜିର
ବର୍ଣ୍ଣବିଭା।

ଝରାପତ୍ର ପରେ ଶିଶିର ଟୋପାର
ଝଲକ ପରି
କିଏ ଭାବିଥିଲା ଅକାଳେ ସକାଳେ
ଯିବ ଗୋ ସରି।

ନୀରବରେ ତୁମ ପଥ ଚାହିଁଥିଲି
ଅହଲ୍ୟା ରାଜି
ଜାଣି ତ ନଥିଲି ପଥର ହେବ ମୋ
ସପନ ରାଜି।

ଏ ଜନମେ ଯଦି ନ ହେଲା ନହେଉ
ପୀରତି ଲେଖା
ଆର ଜନମକୁ ରଖିଥାଅ ଆଶା
ହୋଇବ ଦେଖା।

+ଜଟଣି
ମୋ: ୮୯୧୭୫୭୨୪୨୪

ପୌରାଂଚଳର ମୁଖ୍ୟମାନଙ୍କୁ ଗୃହ ଓ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶ

ବର୍ଷାଋତୁରେ ସହରାଂଚଳର ସଡକ ଓ ଡ୍ରେନଗୁଡିକୁ ଦୁର୍ଘଟଣା ମୁକ୍ତ କର

ଭୁବନେଶ୍ୱର,୨୯/୦୬ (ନି.ପ୍ର): ରାଜ୍ୟରେ ମୌସୁମୀ ପହଂଚି ଥିବାବେଳେ ସହରାଂଚଳରେ ଥିବା ରାସ୍ତା, ଡ୍ରେନ ଆଦିରେ ଯେଭଳି କୌଣସି ଦୁର୍ଘଟଣା ନହୁଏ ତାହା ସୁନିଶ୍ଚିତ କରିବାକୁ ଗୃହ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଜି ମାଥୀ ଭାଥାନନ୍ ସମସ୍ତ ପୌରାଂଚଳର ମୁଖ୍ୟମାନଙ୍କୁ କହିଛନ୍ତି । ଏଥିପାଇଁ ସଚିବ ମ୍ୟୁନିସିପାଲିଟି କର୍ପୋରେସନର ସମସ୍ତ କମିଶନର ଏବଂ ସମସ୍ତ ମ୍ୟୁନିସିପାଲିଟି ଏବଂ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏକ ଚିଠି ଲେଖିଛନ୍ତି । ବର୍ଷା ଋତୁରେ ବର୍ଷାଜଳର ମୁକ୍ତ ପ୍ରବାହକୁ ସୁନିଶ୍ଚିତ କରିବା ପାଇଁ ସେ ସଂପୃକ୍ତ ସଡ଼କ ଏବଂ ଡ୍ରେନ୍ ଏଜେନ୍ସି ଦ୍ୱାରା ନିୟମିତ ଭାବେ ଡ୍ରେନଗୁଡ଼ିକର ନିଷ୍କାସନ କରିବାକୁ କହିଥିଲେ । ଏହା ସ୍ପଷ୍ଟ ହୋଇଛି ଯେ ପ୍ରମୁଖ ସହରାଂଚଳ ଡ୍ରେନଗୁଡିକ ବ୍ୟତୀତ ତୁମର ପୌରାଂଚଳ ଅଧୀନରେ ଥିବା ସମସ୍ତ ଡ୍ରେନ୍ ଗୁଡିକ ସ୍ଲାବରେ ଆବୃତ ହେବା ଉଚିତ ଏବଂ ଉକ୍ତ ପଏଂଟ ଗୁଡିକ ଉପରେ ଚେତାବନୀ ସହିତ ଅସୁରକ୍ଷିତ ପଏଣ୍ଟଟଗୁଡିକ ଜାଲରେ ଆବୃତ କରାଯିବା ଉଚିତ୍। ଲୋକମାନଙ୍କୁ ବିପଦ ବିଷୟରେ ସଚେତନ କର ବୋଲି ପ୍ରମୁଖ ଶାସନ ସଚିବ କହିଛନ୍ତି । ଦୁର୍ଘଟଣାକୁ ଏଡାଇବା ପାଇଁ ରାସ୍ତା / ଡ୍ରେନ୍ ଉପରେ ଡ୍ରେନ୍ କଭର କିମ୍ବା ଯାଂଚ ପ୍ରକୋଷ୍ଠକୁ ସଠିକ୍ ଭାବରେ ବଦଳାଇବା / ମରାମତି କରିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ପରାମର୍ଶ ଦେଇଛନ୍ତି ।

ବର୍ତମାନ ମୌସୁମୀ ରାଜ୍ୟକୁ ଛୁଇଁ ସାରିଥିବାରୁ ପ୍ରଶାସନ ଆକ୍ସନ ମୋଡରେ ପ୍ରବେଶ କରିବାର ସମୟ ଆସିଛି ଯେ ସଂପୃକ୍ତ ଏଜେନ୍ସି / ଅଧିକାରୀଙ୍କ ଦ୍ୱାରା ଏହି ନିର୍ଦ୍ଦେଶନାମା ସମ୍ପୂର୍ଣ୍ଣ ରୂପେ ପାଳନ କରାଯିବ ବୋଲି ସେ ନିର୍ଦ୍ଦେଶ ଦେଇଛନ୍ତି । ଗୃହ ଓ ନଗର ଉନ୍ନୟନ, ପୂର୍ତ ବିଭାଗ, ଜଳ ସମ୍ପଦ ବିଭାଗ ଇତ୍ୟାଦି ସଂସ୍ଥାଗୁଡ଼ିକରେ ସେମାନଙ୍କର ରାସ୍ତା ଏବଂ ଡ୍ରେନଗୁଡିକ ସହରାଂଚଳ ବନ୍ୟା ସମୟରେ ଯେଭଳି ମୃତ୍ୟୁ ଫାଶରେ ପରିଣତ ନହେବ ସେପାଇଁ ନିର୍ଦ୍ଦେଶନାମା ପାଳନ କରିବା ପାଇଁ କୁହାଯାଇଛି । ଜନସାଧାରଣଙ୍କ ସ୍ୱାର୍ଥରେ ଜାରି କରାଯାଇଥିବା ସରକାରଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ ନିର୍ବାଚିତ ମେୟର / ଚେୟାରମ୍ୟାନଙ୍କ ସହ ପୌରାଂଚଳର ସଡକ ଏବଂ ଡ୍ରେନଗୁଡିକର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ସମସ୍ତ ଅଧିନସ୍ଥ ଏଜେନ୍ସି / ଅଧିକାରୀଙ୍କୁ କ୍ଷେତ୍ର ସ୍ତର ଯାଂଚ ମାଧ୍ୟମରେ ପୁନଃ ଯାଂଚ କରାଯିବା ଏବଂ ପରେ ନିୟମିତ ବ୍ୟବଧାନରେ ଯାଂଚ ପାଇଁ କମିଶନର୍ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆହୁରି ମଧ୍ୟ, ଗୃହ ଓ ନଗର ଉନ୍ନୟନ ବିଭାଗ ଅଧିକାରୀମାନଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରିବାକୁ କହିଛନ୍ତି ଯେ ସେମାନଙ୍କର ନିଜସ୍ୱ ଅଧିକାର ଏବଂ ପ୍ରଶାସନିକ ନିୟନ୍ତ୍ରଣ ଅନ୍ତର୍ଗତ ସମସ୍ତ ରାସ୍ତା ଏବଂ ଡ୍ରେନ୍ ଗୁଡିକ ଶାରୀରିକ ଭାବେ ଯାଞ୍ଚ କରାଯାଇଛି ଏବଂ ଏହାଦ୍ୱାରା ପ୍ରମାଣିତ ହୋଇଛି ଯେ ସମସ୍ତ ଯାଞ୍ଚ କକ୍ଷଗୁଡ଼ିକ ସଠିକ୍ ଭାବେ ବନ୍ଦ ହୋଇଯାଇଛି । ସମସ୍ତ ସଂପୃକ୍ତ ଏଜେନ୍ସି / ବିଭାଗରୁ ସେମାନଙ୍କ ତଦାରଖ ଅଧିକାରୀଙ୍କ ଦ୍ୱାରା କାଉଣ୍ଟର ହୋଇଥିବା ସମସ୍ତ କ୍ଷେତ୍ର ଅଧିକାରୀଙ୍କଠାରୁ ଏହିପରି ପ୍ରମାଣପତ୍ର ମିଳିପାରିବ ବୋଲି ସେ କହିଛନ୍ତି । ଏହି ସାର୍ଟିଫିକେଟ୍ ୱାର୍ଡ କମିଟି ଏବଂ ମିଶନ୍ ଶକ୍ତି ଗୋଷ୍ଠୀ / ଫେଡେରେସନ୍ ସହିତ ସମ୍ପୃକ୍ତ ସଦସ୍ୟଙ୍କ ସହିତ କ୍ଷେତ୍ରରୁ କ୍ରସ୍ ଯାଞ୍ଚ ଏବଂ ପୌରସଂସ୍ଥା ଦ୍ୱାରା ସଂଶୋଧନ କାର୍ଯ୍ୟ ପାଇଁ ସର୍ବସାଧାରଣ ସଡ଼କ ଏବଂ ଡ୍ରେନ୍ ସବୁବେଳେ ସୁରକ୍ଷିତ ରହିବ ବୋଲି ନିଶ୍ଚିତ କରାଯିବ । ନିଷ୍ପତ୍ତି ନିଆଯାଇଛି ଯେ ସମସ୍ତ ଏଜେନ୍ସି / ବିଭାଗୀୟ ଅଧିକାରୀଙ୍କ ଠାରୁ ପ୍ରମାଣପତ୍ର ଜୁନ୍ ୩୦ ପୂର୍ବରୁ ପ୍ରାପ୍ତ କରାଯିବା ଉଚିତ ଏବଂ ୱାର୍ଡ ସମ୍ବନ୍ଧୀୟ ସଂକଳିତ ପ୍ରମାଣପତ୍ରଗୁଡ଼ିକ ଜୁଲାଇ ୭ ପୂର୍ବରୁ ୱାର୍ଡ କମିଟି ନିକଟକୁ ପଠାଯିବ । ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଜୁଲାଇ ୧୦ ସୁଦ୍ଧା ବିଭାଗକୁ ଏକ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ କହିଥିଲେ ।

ଗବେଷଣା ଓ ସମ୍ପ୍ରସାରଣ ସଭା ଉଦ୍‌ଘାଟିତ : ବିଭିନ୍ନ ଫସଲର ୧୭୦ କିସମ ଉଦ୍ଭାବନ କରିଛି ଓୟୁଏଟି

ଭୁବନେଶ୍ୱର,୨୯/୦୬ (ନି.ପ୍ର): ବିଭିନ୍ନ ଫସଲର ୧୭୦ଟି କିସମ ଉଦ୍ଭାବନ କରିଛି ଓୟୁଏଟି। ଗତବର୍ଷର କଳିଙ୍ଗ ଆଖୁ-୩୪୬, କଳିଙ୍ଗ ସୁଆଁ-୨୧୭, କଳିଙ୍ଗ ଚିନାବାଦାମ ୧୦୧ ପ୍ରମୁଖ ଅଟେ। ଏଥିସହିତ ୫ଟି ନୂତନ କିସମ ଧାନ ସହିତ, ବିଭିନ୍ନ ଫସଲର ୧୫ ନୂତନ କିସମକୁ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଛି। ଓୟୁଏଟି ବିକୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ଗବେଷଣା ଓ ସମ୍ପ୍ରସାରଣ ସଭା ଉଦ୍ ?ଘାଟନ ଅବସରରେ ଏହି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମକୁ ଓୟୁଏଟି ଅଧକ୍ଷ କୁମ୍ଭକର୍ଣ୍ଣ ରାଉତ ଉଦ୍ ?ଘାଟନ କରିଥିଲେ। ବିଶ୍ୱବିଦ୍ୟାଳୟ ଗବେଷଣା ଅଧକ୍ଷ ପ୍ରଫେସର ମନମୋହନ ମିଶ୍ର ରାଜ୍ୟସ୍ତରୀୟ ଏହି ସମାବେଶରେ ଉପସ୍ଥିତ ବୈଜ୍ଞାନିକମାନଙ୍କୁ ସ୍ୱାଗତ କରିବା ସହିତ ୨୦୨୧-୨୨ ମସିହାର ବିଶ୍ୱବିଦ୍ୟାଳୟର ଗବେଷଣା ସଫଳତା ବିଷୟରେ କହିଥିଲେ। ଏହି ଅବସରରେ ଆହୁରି କୁହାଯାଇଥିଲା, ଗତବର୍ଷ ୫୧୩ କ୍ୱିଣ୍ଟାଲ ପ୍ରଜନନ ବିହନ, ୧.୪୩ କ୍ୱିଣ୍ଟାଲର ମୂଲ୍ୟବାନ ନ୍ୟୁକ୍ଲିଅସ ମଞ୍ଜି ବିଶ୍ୱବିଦ୍ୟାଳୟ ପକ୍ଷରୁ ଉତ୍ପାଦନ କରାଯାଇଛି। ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ଅଧକ୍ଷ ପ୍ରଫେସର ପ୍ରସନଜିତ ମିଶ୍ର ରାଜ୍ୟରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିଷ୍ଠିତ ୩୧ଟି କୃଷି ବିଜ୍ଞାନ କେନ୍ଦ୍ରର କାର୍ଯ୍ୟକ୍ରମକୁ ଉପସ୍ଥାପନ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରମାନଙ୍କ ଦ୍ୱାରା ଗତବର୍ଷ ରାଜ୍ୟର ୫୧୪୬୮ ଚାଷୀଙ୍କୁ ଧନ୍ଦାମୂଳକ ତାଲିମ ଦିଆଯାଇଥିଲା। ୨୫ ଲକ୍ଷରୁ ଉର୍ଧ୍ୱ କୃଷକ ଏବଂ କୃଷି ପରିବାରକୁ ଜ୍ଞାନକୌଶଳ ମୋବାଇଲ ମାଧ୍ୟମରେ ଦିଆଯାଇଛି। କୃଷି ଯାନ୍ତ୍ରିକ ମହାବିଦ୍ୟାଳୟ ଅଧକ୍ଷ ଏସ.କେ ଦାସ, ପଶୁପାଳନ ମହାବିଦ୍ୟାଳୟ ଅଧକ୍ଷ ଏସ.କେ ପଣ୍ଡା ଗବେଷଣାତ୍ମକ ଜ୍ଞାନର ସଦୁପଯୋଗ ନେଇ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମର ଅଧକ୍ଷତା କରି କୃଷି ମହାବିଦ୍ୟାଳୟ ଅଧକ୍ଷ କହିଛନ୍ତି, ବିଶ୍ୱବିଦ୍ୟାଳୟ, ଭାରତୀୟ କୃଷି ଗବେଷଣା ପରିଷଦ, ଭାରତ ସରକାର, ଓଡ଼ିଶା ସରକାର, କୃଷକମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କଲେ କୃଷକମାନଙ୍କ ଆଶା ପୂରଣ ହେବ। ଏହି ଅବସରରେ ବିଭିନ୍ନ ଫସଲର ବୈଜ୍ଞାନିକ ଜ୍ଞାନକୌଶଳ ଆଧାରିତ ପୁସ୍ତିକା ଉନ୍ମୋଚିତ ହୋଇଛି।

ବିଜେଡ଼ି ଓ ବିଜେପି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ : ଶରତ ପଟ୍ଟନାୟକ

ଭୁବନେଶ୍ୱର,୨୯/୦୬ (ନି.ପ୍ର): ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଗତକାଲି ଭଦ୍ରକ ଜିଲ୍ଲାର ଇରମ ଠାରୁ ଆରମ୍ଭ ହୋଇଥିବା ଜନସଂପର୍କ ଯାତ୍ରାର ଦ୍ୱିତୀୟ ଦିବସରେ ବାରିପଦାରେ ଅନୁଷ୍ଠିତ ଜନ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟସରକାରଙ୍କ ବିଫଳତା ନେଇ କଡା ସମାଲୋଚନା କରିଥିଲେ। ନବୀନ ଓ ମୋଦି ଏକ ମୁଦ୍ରାର ଦୁଇଟି ପାର୍ଶ୍ୱ। ରାଜଧାନୀରେ କଳି ଦିଲ୍ଲୀରେ କୋଳାକୋଳି। ରାଜ୍ୟରେ ବେକାରୀ ସମସ୍ୟା, ନାରୀ ନିର୍ଯ୍ୟାତନା, କୃଷକ ଆତ୍ମହତ୍ୟା ଦ୍ରୁତି ଗତିରେ ବୃଦ୍ଧି ପାଉଛି। ଅତ୍ୟାବଶକୀୟ ସାମଗ୍ରୀର ଦରବୃଦ୍ଧି ବର୍ତମାନ ସାଧାରଣ ଜନତାଙ୍କ ଉପରେ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି ବୋଲି କହିଛନ୍ତି। ଅଗ୍ନିପଥ ନିଯୁକ୍ତି ପ୍ରକ୍ରିୟା ମାଧ୍ୟମରେ ଅଗ୍ନିବୀର ମାନଙ୍କୁ ମାତ୍ର ୪ ବର୍ଷ ପାଇଁ ସୈନ୍ୟ ବିଭାଗରେ ନିଯୁକ୍ତି କରିବା ନିଷ୍ପତିକୁ କଂଗ୍ରେସ ଦଳ ଦୃଢ଼ ଭାବରେ ବିରୋଧ କରୁଛି। କଂଗ୍ରେସ ଦଳ ଭାରତ ବର୍ଷର ଯୁବକ ମାନଙ୍କର ଆଶା ଓ ଆକାଂକ୍ଷାକୁ ପୂରଣ କରିବା ପାଇଁ ପ୍ରତିମୂହୂର୍ତରେ ସେମାନଙ୍କ ସହିତ ଛିଡ଼ା ହୋଇଛି। କୌଣସି ପରିସ୍ଥିତିରେ ଭାରତରେ ସାମିରିକ ଶକ୍ତିକୁ ଦୁର୍ବଳ କରିବାକୁ ଦିଆଯିବ ନାହିଁ। କଂଗ୍ରେସ ଏକମାତ୍ର ରାଜନୈତିକ ଦଳ ଯିଏକି ଉଭୟ ବିଜେଡ଼ି ଓ ବିଜେପି ବିରୋଧରେ ଲଢ଼େଇ କରିବାରେ ଶକ୍ତି ଓ ସାମର୍ଥ୍ୟ ରଖିଛି। ବର୍ତମାନ ସମୟ ଆସିଛି କଂଗ୍ରେସର ସମସ୍ତ ବନ୍ଧୁମାନେ ଏକାଠି ହେବାର। ଯେଉଁ କଂଗ୍ରେସ ନେତୃବୃନ୍ଦ ମାନେ ମାନ ଅଭିମାନରେ କଂଗ୍ରେସ ଦଳରୁ ଦୁରେଇ ଯାଇଛନ୍ତି ସେମାନଙ୍କୁ ଯଥାଶୀଘ୍ର ଦଳକୁ ଫେରିବାପାଇଁ ଶ୍ରୀ ପଟ୍ଟନାୟକ ନିବେଦନ କରିଥିଲେ। ସମସ୍ତେ ମିଳିମିଶି ବୁଥସ୍ତରରୁ କଂଗ୍ରେସ ଦଳକୁ ସୁଦୃଢ଼ କରି ମୋଦି ଓ ନବୀନ ଓ ସରକାରଙ୍କ ବିରୋଧରେ ଲଢ଼େଇ କରି ୯୦ ବିଧାୟକ ଜୟଯୁକ୍ତ ହୋଇ ସରକାରକୁ ଆସି ପାରିବା ବୋଲି ଶ୍ରୀ ପଟ୍ଟନାୟକ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। କଂଗ୍ରେସ ସରକାର ଆସିଲେ ଯୁବକ ମାନଙ୍କୁ ପ୍ରାଧାନ୍ୟ ଦିଆଯିବ, ମହିଳାଙ୍କ ସୁରକ୍ଷା ଓ ସମ୍ମାନକୁ ପ୍ରତ୍ୟେକ ସ୍ତରରେ ରକ୍ଷା କରାଯିବ। କୌଣସି ଯାଗାରେ କଂଗ୍ରେସ କର୍ମୀଙ୍କୁ ଯିଏ ହଇରାଣ କରୁଥିବ ସିଏ ଯିଏ ହେଉନା କାହିଁକି ତାକୁ ଦମନ କରାଯିବ। ସଭା ପ୍ରାରମ୍ଭରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକଙ୍କୁ ଏକ ମୋଟର ସାଇକଲେ ଶୋଭାଯାତ୍ରାରେ ବିର୍ଷାମୁଣ୍ଡା ଛକଠାରୁ ସଭାପର୍ଯ୍ୟନ୍ତ ନିଆଯାଇଥିଲା। ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି ହେମନ୍ତ ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଶ୍ରୀ ପଟ୍ଟନାୟକ ପ୍ରଦୀପ ପ୍ରଜ୍ୱଳନ କରି ସଭାର ଶୁଭାରମ୍ଭ କରିଥିଲେ। ଆଜିର ଜନସଂପର୍କ ଯାତ୍ରାର କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ପିସିସି ଉପସଭାପତି ସରସ୍ୱତୀ ହେମ୍ବ୍ରମ, ସୁରେଶ ମହାପାତ୍ର, କିଶୋର ଜେନା, ଶୁଭେନ୍ଦୁ ମହାନ୍ତି, ଲୋକନାଥ ମହାରଥି, ଜ୍ଞାନ ପଟ୍ଟନାୟକ, ଦେବାଶିଷ ମହାପାତ୍ର, ରାଜ୍ୟ ସାମାଜିକ ଗଣମାଧ୍ୟମର ଅଧକ୍ଷ ଅଭିଷେକ ମହାନନ୍ଦ, ବରିଷ୍ଠ କଂଗ୍ରେସ ନେତା ବିଜନ ଦାସ, ସୁଦର୍ଶନ ଦାସ, ପ୍ରମୁଖ ହଜାର ହଜାର ସଂଖ୍ୟାରେ ଛାତ୍ର, ଯୁବ, ମହିଳା କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଯୋଗଦେଇଥିଲେ।

ରଥଯାତ୍ରାରେ ଯାତ୍ରୀମାନଙ୍କ ପାଇଁ ୨୪ ଘଂଟିଆ ନିୟନ୍ତ୍ରଣ କକ୍ଷ ଖୋଲିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୯/୦୬ (ନି.ପ୍ର): ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀମତୀ ଉଷା ଦେବୀଙ୍କ ଅଧକ୍ଷତାରେ ମଙ୍ଗଳବାର ପୁରୀର ପୂର୍ତ ଅତିଥି ନିବାସଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ରଥଯାତ୍ରା ପରିପ୍ରେକ୍ଷୀରେ ଜନସାଧାରଣ ସୁବିଧାକୁ ଦୃଷ୍ଟିରେ ରଖି ବିଭିନ୍ନ ପଦକ୍ଷେପ ନିଆଯାଇଛି। ଭକ୍ତମାନଙ୍କ ସୁବିଧା ନିମନ୍ତେ ଶ୍ରୀଗୁଣ୍ଡିଚାଠାରୁ ନିଳାଦ୍ରୀବିଜେ ପର୍ଯ୍ୟନ୍ତ ପୁରୀ ସହରରେ ଉତ୍ତମ ପରିମଳ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ନିରବଚ୍ଛିନ୍ନ ପାନୀୟ ଜଳ ବ୍ୟବସ୍ଥା, ଜଳ ନିଷ୍କାସନ, ପରିମଳ ପରିଚ୍ଛନ୍ନତା, ରଥଯାତ୍ରା ପରିଚାଳନା ସମୟରେ ଯାତ୍ରୀମାନଙ୍କର ସୁବିଧା ପାଇଁ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯିବା ପାଇଁ ମନ୍ତ୍ରୀ ଶ୍ରୀମତୀ ଉଷା ଦେବୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ପୁରୀଠାରେ ଯାନବାହନର ପାର୍କିଂ ସ୍ଥଳ ପରିଦର୍ଶନ କରି ସେସବୁର ତଦାରଖ କରିଥିଲେ । ରଥଯାତ୍ରା ପରିପ୍ରେକ୍ଷୀରେ ବିଭାଗୀୟ କାର୍ଯ୍ୟ ସୁରୁଖୁରୁରେ ସଂପାଦନ କରିବା ପାଇଁ ଅଧିକାରୀମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହି ସମୀକ୍ଷା ବୈଠକରେ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ,ପୁରୀ ମନୋଜ କୁମାର ବେହେରା , ଜେନେରାଲ ମ୍ୟାନେଜର, ୱାଟ୍‌କୋ ଶରତ ଚନ୍ଦ୍ର ମିଶ୍ରଙ୍କ ସମେତ ବିଭାଗୀୟ ପଦାଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

ରଥଯାତ୍ରା ଲାଗି ପୁରୀରେ ବ୍ୟାପକ ବ୍ୟବସ୍ଥା କରାଯାଇଛି: ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୨୯/୦୬ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣ ପ୍ରତିଦିନ ବଢୁଥିବା ଓ ଆଗକୁ ରଥ ଯାତ୍ରା ରହିଛି । ତେବେ ରଥଯାତ୍ରା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୁରୀରେ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ସୂଚନା ଦେଇଛନ୍ତି। ରଥଯାତ୍ରା ନେଇ ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି ସଂପର୍କରେ ସୂଚନା ଦେଇ ସେ କହିଛନ୍ତି, ପୁରୀରେ ୬୯ଟି ଫାଷ୍ଟ ଏଡ ସେଣ୍ଟର ଖୋଲାଯାଇଛି। ସେଠାରେ ୫୮ଟି ଆମ୍ବୁଲାନ୍ସ ସର୍ଭିସ, ୧୧୪ଟି ଷ୍ଟ୍ରେଚର ସର୍ଭିସ,୧୪୫ ଜଣ ଡାକ୍ତର, ୭ ଫୁଡ ସେଫଟି ଅଫିସର, ୪୦ ଜଣ ଫାର୍ମାସିଷ୍ଟ, ୩୦ ଜଣ ନର୍ସିଂ ଅଫିସର, ୪୫ ହେଲ୍ଥ ଅଫିସର, ପୁରୀ ଜିଲ୍ଲାର ବିଭିନ୍ନ ହସ୍ପିଟାଲରେ ୨୮୭ ବେଡ, ପ୍ରବଳ ଗୁଳୁଗୁଳି ପାଇଁ ପୁରୀରେ ୨୬ଟି ଏସି ବେଡର ବ୍ୟବସ୍ଥା ହୋଇଛି। ପୁରୀ ହସ୍ପିଟାଲରେ ୨୦୦ ୟୁନିଟ ଲେଖାଏଁ ଭିନ୍ନ ଭିନ୍ନ ଗ୍ରୁପର ବ୍ଲଡ ବ୍ୟାଙ୍କ ପ୍ରସ୍ତୁତ ହୋଇଥିବା ସେ କହିଛନ୍ତି ।

ଦୈନିକ ସଂକ୍ରମଣ ଶହେ ଟପିଲା : ଖୋର୍ଦ୍ଧା, କଟକରେ ସଂକ୍ରମଣ ଉପରମୁହାଁ

ଭୁବନେଶ୍ୱର,୨୯/୦୬ (ନି.ପ୍ର): ରାଜ୍ୟରେ କରୋନାର ଚତୁର୍ଥ ଲହରର ସଂକେତ ମିଳିଲାଣି। ଗତ କିଛିମାସର ବ୍ୟବଧାନ ପରେ ଆଜି ରାଜ୍ୟରେ ଶହେରୁ ଅଧିକ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବିଶେଷକରି ଖୋର୍ଧା ଓ କଟକ ଜିଲ୍ଲାରେ ସଂକ୍ରମଣ ଉପରମୁହାଁ ହୋଇଛି। ତୃତୀୟ ଲହରର ଶେଷ ଆଡ଼କୁ ରାଜ୍ୟରେ ଦୈନିକ ସଂକ୍ରମଣ ଶହେ ଉପରେ ରହିଥିଲା। ଯଦିଓ ପୁରୀରେ ଏବେ ଆକ୍ରାନ୍ତଙ୍କ ସଂଖ୍ୟା କମ୍ ରହିଛି, ହେଲେ ଆଗକୁ ରଥଯାତ୍ରା ଆସୁଥିବାରୁ ପୁରୀରେ ସଂକ୍ରମଣ ଦ୍ରୁତ ଗତିରେ ବଢ଼ିବା ଆଶଙ୍କା କରାଯାଉଛି। ପୁରୀ ରଥଯାତ୍ରା ସମୟରେ କରୋନା ମୁକାବିଲା ନେଇ ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ପ୍ରଶାସନ ତୁହାକୁ ତୁହା ବୈଠକ କରୁଛନ୍ତି। ପୁରୀରେ ମାସ୍କ ବାଧ୍ୟତାମୂଳକ କରାଯାଇଥିବା ବେଳେ ଲକ୍ଷଣ ଥିବା ବ୍ୟକ୍ତିମାନେ ପୁରୀ ନ ଯିବାକୁ ଲାଗି ବାରଣ କରାଯାଇଛି। ମାତ୍ର ଲକ୍ଷାଧିକ ଲୋକଙ୍କ ସମାଗମ ଭିତରେ ଜିଲ୍ଲା ପ୍ରଶାସନ କିଭଳି ଭାବେ ସର୍ଭେଲାନ୍ସ କରିବ ତାହା ପ୍ରମୁଖ ଆହ୍ୱାନ ପାଲଟିଛି। ସଂକ୍ରମଣକୁ ନଜରରେ ରଖି ବିଭାଗ ପକ୍ଷରୁ ଟେଷ୍ଟିଂ ସଂଖ୍ୟା ବଢ଼ାଇବାକୁ କୁହାଯାଇଥିଲା। ହେଲେ ଏଥିରେ ଆଶାତୀତ ପରିବର୍ତନ ଦେଖିବାକୁ ମିଳିନାହିଁ। ଗତ ୨୪ଘଣ୍ଟାରେ ରାଜ୍ୟରେ ୧୦,୨୭୬ କୋଭିଡ ନମୁନା ପରୀକ୍ଷା ହୋଇଥିବା ବେଳେ ତହିଁରୁ ୧୧୩ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଖୋର୍ଧା ଜିଲ୍ଲାରେ ସର୍ବାଧିକ ୬୫, କଟକ ୨୧, ସୁନ୍ଦରଗଡ଼ ୬, ସମ୍ବଲପୁର ୪, ଯାଜପୁର ୨, ପୁରୀ ୧ ଓ ଷ୍ଟେଟ୍ ପୁଲରୁ ୧୪ଜଣ ଆକ୍ରାନ୍ତ ବାହାରିଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୨,୮୯,୪୪୧କୁ ବୃଦ୍ଧି ପାଇଛି। ତେବେ ଆଶ୍ୱସ୍ତିର ବିଷୟ ହେଉଛି କୌଣସି ନୂଆ କରୋନା ମୃତ୍ୟୁ ଘୋଷଣା ହୋଇନାହିଁ। ରାଜ୍ୟରେ ଆଜି ୪୯ କୋଭିଡ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏବେ ରାଜ୍ୟରେ ୪୬୮ ଚିକିତ୍ସାଧୀନ ରୋଗୀ ରହିଛନ୍ତି।

ଓଡ଼ିଶା ଖୁବ୍ ଶୀଘ୍ର ଅଣ୍ଡା ଓ କୁକୁଡ଼ା ମାଂସ ଉତ୍ପାଦନରେ ସ୍ୱାବଲମ୍ବୀ ହେବ : ମନ୍ତ୍ରୀ

ଭୁବନେଶ୍ୱର,୨୯/୦୬ (ନି.ପ୍ର): ରାଜ୍ୟରେ ଗୋପାଳନ ଓ କୁକୁଡ଼ାପାଳନ ଦିଗରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଥିବାବେଳେ ଓଡ଼ିଶା ଖୁବ୍ ଶୀଘ୍ର ଅଣ୍ଡା ଓ କୁକୁଡ଼ା ମାଂସ ଉତ୍ପାଦନରେ ସ୍ୱାବଲମ୍ବୀ ହେବ ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ମଙ୍ଗଳବାର କୃଷି ଭବନଠାରେ ଆୟୋଜିତ ପ୍ରାଣୀସଂପଦ ବିକାଶ ବିଭାଗର ଅଧିକାରୀ ଓ ପ

ବୈଷ୍ଣବୀୟ ଧର୍ମ ଦର୍ଶନରେ...

(ପୃଷ୍ଠା-୪ର ଅବଶିଷ୍ଟାଂଶ) ଅନ୍ୟପକ୍ଷରେ ଦେଖିବାକୁ ଗଲେ ପଞ୍ଚସଖା ଓ ଉତ୍କଳୀୟ ସାଧକମାନେ ଜଗନ୍ନାଥାଦି ଚତୁର୍ଦ୍ଧାମୂର୍ତ୍ତିଙ୍କର ସାଂକେତିକ ରୂପର ପରିଚୟ ଦେଇଛନ୍ତି । ବିଭିନ୍ନ ଧାମର ବର୍ଣ୍ଣ, ରୂପ ଓ ଧର୍ମର ପରିକଳ୍ପନା ଯୌଗିକ ଓ ପାରିଭାଷିକ ଶବ୍ଦ ସାହାଯ୍ୟରେ ଯେପରି ଅବତାରଣା କରିଛନ୍ତି, ସେଭଳି ବର୍ଣ୍ଣ ମାତୃକାର ପରିଚୟ ସହ ଶରୀରସ୍ଥ ବିଭିନ୍ନ ସ୍ଥାନର ପରିକଳ୍ପନା କରିଛନ୍ତି । ପଞ୍ଚସଖାମାନେ କେଉଁ ଯୁଗରେ କେଉଁ ମନ୍ତ୍ରର ପ୍ରସିଦ୍ଧ ଅଛି ସେ ସଂପର୍କରେ ସୂଚନା ଦେଇ କହିଛନ୍ତି- ଆଦି ଅନନ୍ତ ଯୁଗରେ' ଅନନ୍ତ ହରି ମନ୍ତ୍ର, ସତ୍ୟ ଯୁଗରେ ନାରାୟଣ ମନ୍ତ୍ର, ତ୍ରେତୟା ଯୁଗରେ ରାମ ତାରକ ମନ୍ତ୍ର, ଦ୍ୱାପର ଯୁଗରେ ଗୋପାଳ ମନ୍ତ୍ର ଓ କଳିଯୁଗରେ ଷୋଳ ଅକ୍ଷରୀ ମନ୍ତ୍ର ଜପ ଦ୍ୱାରା ମୁକ୍ତିଲାଭ ହେବାର ପ୍ରସିଦ୍ଧି ଦର୍ଶାଇ ଅଛନ୍ତି । ଦିନ ରାତି ମୁହୂର୍ତ୍ତାଦିର ଅବଧାରଣାରେ ଏମାନଙ୍କ ଲେଖନୀ ଚଳଚଞ୍ଚଳ ଥିଲା । ଏପରିକି ସୃଷ୍ଟିର ବିଭିନ୍ନ ପର୍ଯ୍ୟାୟରେ ଭଗବାନଙ୍କ ବିଭିନ୍ନ ଅବତାରକୁ ନିର୍ଦ୍ଧାରଣ କରିଛନ୍ତି । ସତ୍ୟରେ ତପସ୍ୟା, ତ୍ରେତୟାରେ ଯଜ୍ଞ, ଦ୍ୱାପରରେ ଲୀଳାରଙ୍ଗ ଓ କଳିରେ ନାମ ସଂକୀର୍ତ୍ତନରେ ମୁକ୍ତିଲାଭ ହେବାର କହିଛନ୍ତି । ମହାଶୂନ୍ୟରୁ ଶୂନ୍ୟ, ଶୂନ୍ୟରୁ ପ୍ରଣବ ଓ ପ୍ରଣବରୁ ଜଗତ ସୃଷ୍ଟି । ଏଭଳି ପରିକଳ୍ପନା ଉପନିଷଦୀୟ ଚିନ୍ତା ନିହିତ । ପଞ୍ଚସଖାମାନେ ମଣ୍ଡୁକ୍ୟ ଓ ଛାନ୍ଦୋଗ୍ୟ ଉପନିଷଦୀୟ ଭାବକୁ ଗ୍ରହଣ କରିବା ସହ ସ୍ୱକୀୟ କଳ୍ପନାରେ ଚିତ୍ରଣ କରିଛନ୍ତି । ସଂକ୍ଷିପ୍ତତା ଦୃଷ୍ଟିରୁ ଏଠାରେ ସେସବୁ ବିଚାର ସାପେକ୍ଷ ନୁହେଁ । ତେବେ ଭକ୍ତିମତ୍ତା ଦୃଷ୍ଟିରୁ ଜ୍ଞାନମିଶ୍ରା ଭକ୍ତିରେ ହରେରାମ କୃଷ୍ଣ ବା ମନ୍ତ୍ର ସାଧନକୁ ଦର୍ଶାଇଛନ୍ତି । କାରଣ ଶିଷ୍ୟ ରୂପ ରାଧା ଭାବରେ ଅନୁପ୍ରାଣିତ ହୋଇ କୃଷ୍ଣଙ୍କୁ ଲାଭ କରିବା । ଏମାନଙ୍କ ମତରେ ସାଯୁଜ୍ୟ ମୁକ୍ତି ହିଁ ସ୍ୱୀକାର୍ଯ୍ୟ ଅଟେ । କିନ୍ତୁ ଶୁଦ୍ଧା ଭକ୍ତି ମାର୍ଗରେ ଭଗବାନଙ୍କ ପ୍ରାପ୍ତି ନିମନ୍ତେ ରାଧାଭାବରେ ଅନୁପ୍ରାଣିତ ହୋଇ କୃଷ୍ଣଙ୍କ ସେବା କରିବା । କୃଷ୍ଣଙ୍କ ସେବା ସେମାନଙ୍କ ପାଇଁ ପରମ ଶ୍ରେୟ, ତେଣୁ ହରେକୃଷ୍ଣ ରାମ ଜପ ବୈଷ୍ଣବ ଧର୍ମର ନିଦର୍ଶନ । ତେଣୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ବେଳେ ଉଭୟ ଉତ୍କଳୀୟ ଓ ଗୌଡୀୟ ବୈଷ୍ଣବମାନେ ମହାନନ୍ଦରେ ନୃତ୍ୟ କରି ହରେକୃଷ୍ଣ ମନ୍ତ୍ରରେ ମଜ୍ଜିଯାଇଥାନ୍ତି । ବୈଷ୍ଣବ ଧର୍ମ ଦର୍ଶନରେ ଜଗନ୍ନାଥ ଦର୍ଶନ ମିଳିଥାଏ ଅସ୍ୱୀକାର କରିହେବ ନାହିଁ !!!

ଓଡିଆ ଭାଷା ଓ ସାହିତ୍ୟ ବିଭାଗୀୟ ମୁଖ୍ୟ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ,
କଟକ -୪, ମୋ : ୯୦୪୦ ୧୫୧୪ ୭୫

କଂଗ୍ରେସ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁଙ୍କ ଶ୍ରାଦ୍ଧ ଦିବସ ପାଳିତ

ଭୁବନେଶ୍ୱର, ୨୯/୦୬ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପ୍ରଥମ ସଭାପତି ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ ପିସିସି ପକ୍ଷରୁ ପାଳିତ ହୋଇଯାଇଛି। ବୁଧବାର ସକାଳେ ଭୁବେନଶ୍ୱର ଗୋପବନ୍ଧୁ ଛକ ସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପିସିସି ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ନିରଞ୍ଜନ ପଟ୍ଟନାୟକ, ପ୍ରସାଦ ହରିଚନ୍ଦନ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ମନୋରଞ୍ଜନ ଦାଶ, ଅମିୟ ପଟ୍ଟନାୟକ, ଚିନ୍ମୟ ସୁନ୍ଦର ଦାସ, ଜୟକୃଷ୍ଣ ସୁବୁଦ୍ଧି, ସଂକୁନା କହଁର ପ୍ରମୁଖ ଉପସ୍ଥିତ ରହି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ବିଧାନସଭାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଶ୍ରାଦ୍ଧଦିବସ ପାଳିତ

ଭୁବନେଶ୍ୱର, ୨୯/୦୬ (ନି.ପ୍ର): ଓଡ଼ିଶା ବିଧାନସଭା ପକ୍ଷରୁ ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୪ତମ ଶ୍ରାଦ୍ଧଦିବସ ବୁଧବାର ପୂର୍ବାହ୍ନରେ ପାଳିତ ହୋଇଯାଇଛି। ଏହି ଅବସରରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ବିଧାନସଭା ପରିସରସ୍ଥିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଦରିଦ୍ର ଜନତାର ବନ୍ଧୁ, ବନ୍ୟା ପ୍ରପୀଡ଼ିତ ଓଡ଼ିଶାବାସୀଙ୍କ ସମର୍ପିତ ସେବକ, ବିଶିଷ୍ଟ କବି ପଣ୍ଡିତ ଗୋପବନ୍ଧୁ ଓଡ଼ିଶାବାସୀଙ୍କ ହୃଦୟର ମଣିଷ ଥିଲେ ବୋଲି ବାଚସ୍ପତି ଶ୍ରୀ ଆରୁଖ ପ୍ରକାଶ କରିଥିଲେ । ଉପବାଚସ୍ପତି ରଜନୀକାନ୍ତ ସିଂହ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦିପ କୁମାର ଅମାତ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ବିଧାନସଭା ସଚିବ ଦାଶରଥୀ ଶତପଥୀ, ବହୁ ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉତ୍କଳର ଏହି ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ବିଧାନସଭାର ଯୁଗ୍ମ ନିର୍ଦ୍ଦେଶକ ଶିବପ୍ରସାଦ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ପଣ୍ଡିତ ଗୋପବନ୍ଧୁଙ୍କ ଜୀବନୀ ଆଧାରିତ ସଂଗୀତ ପରିବେଷଣ କରାଯାଇଥିଲା ।

ଓୟୁଜେ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର, ୨୮/୦୬ (ନି.ପ୍ର): ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଆମ ସମସ୍ତ ପ୍ରେରଣାର ଉତ୍ସ ଏବଂ ଦିଗଦର୍ଶକ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୪ ତମ ପୂଣ୍ୟ ଶ୍ରାଦ୍ଧ ବାର୍ଷିକୀ ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆଜି ପାଳିତ ହୋଇଯାଇଛି। ଗୋପବନ୍ଧୁ ପାର୍କ ସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ରେ ସାମୁହିକ ମାଲ୍ୟାର୍ପଣ କରାଯିବା ସହିତ ସ୍ମୃତି ଚାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଗଙ୍ଗାଧର ରାଉତ ଙ୍କ ସମେତ ସଂଘର ବହୁ ବରିଷ୍ଠ ସଦସ୍ୟ ଯୋଗଦେଇ ଉତ୍କଳ ମଣି ଗୋପବନ୍ଧୁଙ୍କର ଜୀବନୀ ଓ ସେବା ସମ୍ପର୍କରେ ଆଲୋକପାତ କରିଥିଲେ। ଉତ୍କଳ ମଣି ଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ସମସ୍ତ ସାମ୍ବାଦିକ ସେବା କୁ ନିଜର ଧର୍ମ ଓ କର୍ମଭାବରେ ଗ୍ରହଣକରି ସମାଜର ଅବହେଳିତ ନିଷ୍ପେସିତ ଜନତା ଙ୍କ ସମସ୍ୟା କୁ ସଠିକ ଭାବରେ ନିଜର ସମ୍ବାଦ ପତ୍ର ଏବଂ ବୈଦ୍ୟୁତିକ ଗଣ ମାଧ୍ୟମ ଜରିଆରେ ସର୍ବସାଧାରଣ ଙ୍କ ହିତ ଲାଗି ପ୍ରକାଶ କରିବା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ସଂଘର୍ କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଦାସ,ବରିଷ୍ଠ ସଦସ୍ୟ ଶିବ ଦାସ କୁଣ୍ଡୁ, ପ୍ରସନ୍ନ ଜିତ୍ ଆଶ ,ଅଜିତ ମହାନ୍ତି, ହାଇଦର ଖାନ, ରତିକାନ୍ତ ପାଢ଼ୀ, ମଲ୍ଲିକ ରିଜ୍ୱାନ,, କହ୍ନେଇ ଚରଣ ପ୍ରଧାନ, ମହେଶ୍ୱର ପ୍ରଧାନ, କମଳାକାନ୍ତ ନାୟକ, ପ୍ରମୁଖ ଉପସ୍ଥିତ ଥିଲେ ।

ଜାତୀୟ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ

ବାରିପଦା, ୨୯/୦୬ (ନି.ପ୍ର): ଜ୍ଞାନ ପ୍ରକାଶର ଷଷ୍ଠ ବାର୍ଷିକ ଜାତୀୟ ସମ୍ମିଳନୀ -୨୦୨୨ ପାଳନ ଅବସରରେ ଦେଶର ବିଭିନ୍ନ ରାଜ୍ୟ ଓ ଓଡିଶାର କେତେକ ଜିଲ୍ଲା ସମେତ ମୋଟ ୪୨ ଟି କେନ୍ଦ୍ରରେ ଜାତୀୟ ସଂହତି ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଛି । ଏହି ଅବସରରେ ବାରିପଦାର ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି ଓ ଏହି ପ୍ରତିଯୋଗିତାରେ ମୋଟ ୨୫ ଜଣ କୁନି ଚିତ୍ରକର ଅଂଶ ଗ୍ରହଣ କରିଥିବା ବେଳେ ଆଶିଷ ବିଶ୍ୱାଳ ପ୍ରଥମ, କୃଷ୍ଣଚନ୍ଦ୍ର ହେମ୍ବ୍ରମ ଦ୍ୱିତୀୟ ଓ ସାଜନ ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ ଓ ପ୍ରତ୍ୟେକଙ୍କୁ ଆୟୋଜକଙ୍କ ତରଫରୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ବିବ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୋମନାଥ ସିଂହ, କଳା ଶିକ୍ଷକ କାର୍ତିକ ଚନ୍ଦ୍ର ମହାନ୍ତି, ମହେଶ୍ୱର ମାରାଣ୍ଡି, ବସନ୍ତ କୁମାର ମହାପାତ୍ର ତଥା କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଡ. ନିରୋଜ କୁମାର ପୋଥାଳ ପ୍ରମୁଖ ପ୍ରତିଯୋଗୀ ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ । ପ୍ରତାପେଶ୍ୱର ଦାଶ, ରଂଜିତ ଦାସ ଓ ଶିବ ଶଙ୍କର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

ଜ୍ଞାନପ୍ରକାଶ ତରଫରୁ ସର୍ବଭାରତୀୟ ସ୍ତରରେ ଚିତ୍ରାଙ୍କନ ପ୍ରତିଯୋଗିତା ସମ୍ପନ୍ନ

ଭୁବନେଶ୍ୱର, ୨୯/୦୬ (ନି.ପ୍ର): ରବିବାର ସର୍ବ ଭାରତୀୟ ସ୍ତରରେ ୨୪ଟି ରାଜ୍ୟ ତଥା ଆମ ରାଜ୍ୟ ଓଡ଼ିଶାର ୩୦ଟି ଜିଲ୍ଲାରେ ଚତୁର୍ଥ ଶ୍ରେଣୀରୁ, ଦ୍ୱାଦଶ ଶ୍ରେଣୀ ପ୍ରର୍ଯ୍ୟନ୍ତ ଜାତୀୟ ଏକତା ବିଷୟବସ୍ତୁ କୁ ଆଧାର କରି ଏକ ସମୟରେ, ଚିତ୍ରାଙ୍କନ ପ୍ରତିଯୋଗିତା ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇ ଯାଇଛି ।ଜ୍ଞାନପ୍ରକାଶର ମୁଖ୍ୟ ଆବାହକ ଶିକ୍ଷା ପରାମର୍ଶ ଦାତା ଜ୍ଞାନଚାନ୍ଦ ଶତପଥୀଙ୍କ ତତ୍ତ୍ୱାବଧାନରେ ଉକ୍ତ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ସମସ୍ତ ରାଜ୍ୟ ତଥା ଜିଲ୍ଲାର ପ୍ରତିନିଧି ମାନେ ଏହି କାର୍ଯ୍ୟକ୍ରମର ଦାୟିତ୍ୱ ନିର୍ବାହ କରିଥିଲେ । ଜ୍ଞାନ ପ୍ରକାଶର ରାଜ୍ୟ ମୁଖ୍ୟ, ଯୁଗ୍ମ ସମ୍ପାଦିକା ଅମ୍ବିକା ସ୍ୱାଇଁଙ୍କ ଅଧକ୍ଷତାରେ ଭୁବନେଶ୍ୱରର ଜୟଦେବ ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମଧ୍ୟ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା, ଏଥିରେ ଅନ୍ୟାନ୍ୟ ସ୍କୁଲର ଛାତ୍ର ଛାତ୍ରୀ ମଧ ଭାଗ ନେଇ ଥିଲେ । ସମ୍ମାନିତ ଅତିଥି ଓ ବିଚାରକ ଭାବରେ ଯୋଗ ଦେଇଥିଲେ ଡ଼ଃ ଅଞ୍ଜଳି ତ୍ରିପାଠୀ, ଶ୍ରୀମତୀ କାନନ ବାଳା ପଟ୍ଟନାୟକ, ଏବଂ ସ୍କୁଲର ସେକ୍ରେଟାରୀ ଶ୍ରୀଯୁକ୍ତ ବାଣୀବ୍ରତ ତ୍ରିପାଠୀ, ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ନିଶାନ କୁମାର ବିଶ୍ୱାଳ । କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ଶିକ୍ଷୟିତ୍ରୀ ଲୀଳା ମହାନ୍ତି, ସଂଘମିତ୍ରା ଛୁଆଳ ସିଂ । ପ୍ରତିଯୋଗୀ ମାନଙ୍କ ମଧ୍ୟରେ ସିନିଅର ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ଦେବଯାନୀ ପଣ୍ଡା ଦ୍ୱିତୀୟ ସ୍ଥାନରେ ଅନନ୍ୟା ସାମଲ ଏବଂ ଯୁଗ୍ମ ଭାବରେ ତୃତୀୟ ସ୍ଥାନରେ ଅଛନ୍ତି, ଆଶିଷ ମହାପାତ୍ର, ଗୀତିକା ମହାପାତ୍ର ।ଜୁନିୟର ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ଆଲିଶା ଶୁଭଦର୍ଶିନୀ, ଦ୍ୱିତୀୟରେ ଉର୍ବୀ ମିଶ୍ର, ତୃତୀୟରେ ସାଇ ସ୍ମୃତି ସ୍ୱାଇଁ ।ସମସ୍ତ ବିଜେତା ମାନଙ୍କୁ ସାର୍ଟିଫିକେଟ ସହ ଟ୍ରଫି ଏବଂ ଭାଗ ନେଇଥିବା ସମସ୍ତ ଛାତ୍ର ଛାତ୍ରୀଙ୍କୁ ଜ୍ଞାନପ୍ରକାଶର ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ।

ଓଡ଼ିଶା ବିଧାନ ସଭାର ସଦାଚାର କମିଟିର ସମୀକ୍ଷା ବୈଠକ

ଭଦ୍ରକ, ୨୯/୦୬ (ନି.ପ୍ର): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଓଡ଼ିଶା ବିଧାନ ସଭାର ସଦାଚାର କମିଟିର ଅଧକ୍ଷ ତଥା ବିଧାୟକ ଅମର ପ୍ରସାଦ ଶତପଥୀ ଏବଂ ଗୃହ କମିଟିର ସଦସ୍ୟ ଭାବେ ବିଧାୟକ ଅନନ୍ତ ଦାସ, ବିଧାୟକ ପ୍ରଫୁଲ୍ଲ ସାମଲ, ବିଧାୟକ ଭୂପିନ୍ଦର ସିଂ ଏବଂ ବିଧାୟକ ଅରବିନ୍ଦ ଢାଲି ବିଧାୟକ ସ୍ୱରୂପ ଦାସ ଆଜି ଭଦ୍ରକ ଜିଲ୍ଲା ଗସ୍ତରେ ଆସି ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ପାନ୍ଥନିବାସ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ଗୃହ କମିଟି ସହ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ୍ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଜେନା, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍.ପି. ଚରଣ ସିଂ ମୀନା, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କଲାପରେ ସଭାପତି ଜିଲ୍ଲା ପରିଷଦ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କମିଟି ଅଧକ୍ଷ ଶ୍ରୀଯୁକ୍ତ ଶତପଥୀ କମିଟି ଆଗମନର ଆଭିମୁଖ୍ୟ ସମ୍ବନ୍ଧରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରି ବୈଠକକୁ ପରିଚାଳନା କରିଥିଲେ। ବିଶେଷ କରି ଲୋକସଭା ଓ ଓଡ଼ିଶା ବିଧାନ ସଭାର ଜନ ପ୍ରତିନିଧି ଓ ସରକାରୀ ପଦାଧିକାରୀ ମାନଙ୍କ ମଧ୍ୟରେ ସମନ୍ୱୟ ଅନୁକୂଳ ଜନକ ବାତାବରଣ ପାଇଁ ୨୦୦୨ ରୁ ଡିସେମ୍ବର ୫ରେ ବିଜ୍ଞପିତ ହୋଇଥିବା ବୁକ୍ ସର୍କୁଲାର ୪୭ ସମ୍ବନ୍ଧରେ ଆଲୋକପାତ କରି ସେ ସମ୍ବନ୍ଧରେ ବକ୍ତବ୍ୟ ଓ ନିଜର ମତାମତ ଦେବାପାଇଁ ଅନ୍ୟ କମିଟି ସଦସ୍ୟ ଓ ସ୍ଥାନୀୟ ବିଧାୟକଙ୍କୁ କହିଥିଲେ। ଜନ ପ୍ରତିନିଧିମାନେ ହେଉଛନ୍ତି ସରକାର ଓ ଜନସାଧାରଣ ମଧ୍ୟରେ ସେତୁ। ଉନ୍ନୟନ ମୂଳକ ସରକାରୀ ଯୋଜନା ସବୁର ସଫଳ ରୂପାୟନ ପାଇଁ ଜନପ୍ରତିନିଧି ଓ ସରକାରୀ କର୍ମଚାରୀଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ରହିବା ଜରୁରୀ। ଯାହା ବିନା ଜିଲ୍ଲା କି ରାଜ୍ୟର ବିକାଶ ବାଧାପ୍ରାପ୍ତ ହେବ। ସୁତରାଂ ଉଚ୍ଚପଦାଧିକାରୀଙ୍କ ଠାରୁ ଆରମ୍ଭ କରି ତଳ ଶ୍ରେଣୀର କର୍ମଚାରୀ ପର୍ଯ୍ୟନ୍ତ ସମସ୍ତଙ୍କୁ ବୁକ୍ ସର୍କୁଲାର ୪୭ର ପ୍ରାସଙ୍ଗିକତା ସମ୍ବନ୍ଧରେ ଅବଗତ କରାଇବା ଆବଶ୍ୟକ। ବିଧାନସଭା ନିର୍ବାଚନ ମଣ୍ଡଳସ୍ତରୀୟ ଉନ୍ନୟନ କମିଟିର କାର୍ଯ୍ୟକାରୀତା ସଂପର୍କରେ ମଧ ଆଲୋଚନା କରାଯାଇଥିଲା। ବୁକ୍ ସର୍କୁଲାର ୪୭ର ଅବିକଳ ନକଲ ସମସ୍ତ ପଦାଧିକାରୀଙ୍କୁ ପ୍ରଦାନ କରାଯିବା ଓ ତାକୁ ପଢ଼ି ସମସ୍ତେ ଅନୁପାଳନ କରିବା ଉପରେ ଅଧକ୍ଷ ଗୁରୁତ୍ୱାରୋପ କରିଥିଲେ।

ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରରେ ଯୋଗ ଶିକ୍ଷା

ବସ୍ତା, ୨୯/୦୬ (ନି.ପ୍ର): ଯୋଗ ଦିବସ-୨୦୨୨ ରୂପସା ସ୍ଥିତ ଶିବମୁନି ଯୋଗାଶ୍ରମ ହାତିଆଡିହା ଠାରେ ଅନୁଷ୍ଠିତ ହୋଇଯାଇଛି । ଯୋଗି ଚିତ୍ତରଞ୍ଜନ ଭୂୟାଁ ଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଭାବେ ସମୟର ଚକ୍ର ସମ୍ପାଦକ ତଥା ସମାଜ ସେବୀ ସର୍ବେଶ୍ୱର ଜେନା ଏହାକୁ ଉଦଘାଟନ କରି ଯୋଗ ଉପକାରିତା ଓ ଯୋଗଦିବସ ର ତାରାତମ୍ୟ ବିଷୟର ଆଭିମୁଖ୍ୟ ସମ୍ପର୍କରେ ନିରୋଗ ଶରୀର ଗଠନ, ସଂଯମତା ତଥା ମାନସିକ ଭାରସ୍ୟାମ ରକ୍ଷାରେ ଯୋଗର ଭୂମିକା ସମ୍ପର୍କରେ ମତବ୍ୟକ୍ତ କ ରି ଥିଲେ । ଯୋଗ ଶାରୀରିକ ମାନସିକ ଓ ବୌଦ୍ଧିକ ପ୍ରଗତିର ମୂଳ ଉତ୍ସ । ଏହା ଏକ ଆଧ୍ୟାତ୍ମିକ ଅଭ୍ୟାସ ଯାହା ଶାନ୍ତି, ଆତ୍ମବିଶ୍ୱାସ ଓ ସାହସକୁ ପ୍ରୋତ୍ସାହନ କରେ । ମୁଖ୍ୟବକ୍ତା ଭାବେ ମୁନିସମାଜର ଜ୍ୟୋତି ଜିଲ୍ଲା ସମ୍ପାଦକ ଯୋଗି ଅନନ୍ତ ପ୍ରଧାନ ଯୋଗଦେଇ ଶରୀର, ମନ ଓ ମସ୍ତିଷ୍କକୁ ସାକାରାତ୍ମକ ମାର୍ଗରେ ନିଅନ୍ତ୍ରଣକରେ ବୋଲି ଆଲୋକପାତ କରିଥିଲେ । ସମ୍ମାନୀତ ବକ୍ତା ହିସାବରେ, ଯୋଗୀ ମୋହିମ ମୁନି, ଯୋଗୀ ରାମଚନ୍ଦ୍ର ବେହେରା, ମୁନି ରାଜ ଅମୂଲ୍ୟ ମୁନି, ଯୋଗଶିକ୍ଷୟତ୍ରୀ କଳ୍ପନା ମିଶ୍ରୀ, ଇତ୍ୟାଦି ବକ୍ତବ୍ୟ ରଖିଥିଲେ । ଯୋଗଶିକ୍ଷୟତ୍ରୀ ମଞ୍ଜୁଲତା ବେହେରା ମୁନି ସଙ୍ଗୀତ ଗାନ କରିଥିଲେ । ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜ, ଓଡ଼ିଶା ପ୍ରାନ୍ତ ର ପୂର୍ବତନ ଅଧକ୍ଷ ଯୋଗାଚାର୍ଯ୍ୟ କାଳୀଚରଣ ମୁନି ଆତ୍ମଲୋକ ଗମନ କରିଥିବାରୁ, ତାଙ୍କ ଆତ୍ମାର ବିଶ୍ରାନ୍ତି କାମନା କରାଯାଇଥିଲା । ମୁନି ହରିହର ଲେଙ୍କା-ମୁନିରାଞ୍ଜୀ ବିମଳାଲେଙ୍କା ଙ୍କର ନାତି ର ଶୁଭ ଜନ୍ମଦିନ ପାଳନ କରା ଯାଇଥିଲା । ସମସ୍ତେ ଏକ ମନ,ଏକ

ବାଲେଶ୍ୱର, ଗୁରୁବାର, ୩୦ ଜୁନ୍, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଆଜି ଓଡିଶା ଆସିବେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

ଭୁବନେଶ୍ୱର, ୨୯/୦୬ (ନି.ପ୍ର): କେନ୍ଦ୍ର ରେଳ, ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଆସନ୍ତାକାଲି (ଗୁରୁବାର) ଓଡ଼ିଶା ଗସ୍ତରେ ଆସିବେ । ଏହି ଗସ୍ତ ସମୟରେ ଶ୍ରୀ ବୈଷ୍ଣବ ଖୋର୍ଦ୍ଧା ରୋଡ-ବାଲାଙ୍ଗୀର ପ୍ରକଳ୍ପ ଯାଂଚ କରିବେ ଏବଂ ନୂଆଗାଁ ରୋଡ ଷ୍ଟେସନରେ ମହିପୁର-ନୂଆଗାଁ ରୋଡ ରେଳ ସେକ୍ସନର ଶୁଭାରମ୍ଭ କରାଇବେ । ଏହା ସହିତ ମହିପୁର ଷ୍ଟେସନ ଠାରୁ ସେ ୦୮୪୨୯/୦୮୪୩୦ ଭୁବନେଶ୍ୱର-ମହୀପୁର-ଭୁବନେଶ୍ୱର ପାସେଞ୍ଜର ସ୍ପେସିଆଲ ଟ୍ରେନକୁ ନୂଆଗାଁ ରୋଡ ଷ୍ଟେସନ ପର୍ଯ୍ୟନ୍ତ ସମ୍ପ୍ରସାରଣକୁ ଶୁଭାରମ୍ଭ କରିବେ । ସେହିପରି ବୋଲଗଡ ପାସେଞ୍ଜର ହଲଟ ଠାରେ ସେବା ଏକ୍ସପ୍ରେସର ରହଣୀକୁ ଏବଂ ନୂଆଗାଁ ରୋଡ ଠାରୁ ପୁରୀ ପର୍ଯ୍ୟନ୍ତ ନୂତନ ଟ୍ରେନ ଚଳାଚଳର ଘୋଷଣା କରିବେ । ସନ୍ଧ୍ୟାରେ ଶ୍ରୀ ବୈଷ୍ଣବ ଖୋର୍ଦ୍ଧା ରୋଡ ଷ୍ଟେସନ ଠାରେ ନୂତନ ଷ୍ଟେସନ ବିଲଡିଂର ଉଦଘାଟନ କରିବା ସହିତ ଭୁବନେଶ୍ୱର-ନୂଆଦିଲ୍ଲୀ ଦୁରନ୍ତ ଏକ୍ସପ୍ରେସର ଏଲଏଚବି କୋଚ୍ ସହିତ ଚଳାଚଳକୁ ଶୁଭାରମ୍ଭ କରାଇବେ । ଏହା ବ୍ୟତୀତ ଖୋର୍ଦ୍ଧା ରୋଡ ଷ୍ଟେସନରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ରେଳମନ୍ତ୍ରୀ ପଟିଆ ଏବଂ ବାଣୀବିହାର ପାସେଞ୍ଜର ହଲଟର ନୂତନ ବିଲ୍ଡିଂର ଉଦଘାଟନ କରିବେ । କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟୋଗୀ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଖୋର୍ଦ୍ଧା ରୋଡ ଷ୍ଟେସନ ଠାରେ ଏହି ଅବସରରେ ଯୋଗଦାନ କରିବେ । ସାଂସଦ (ଲୋକସଭା) ଅଚ୍ୟୁତାନନ୍ଦ ସାମନ୍ତ, ବିଧାୟକ ରାଜେନ୍ଦ୍ର କୁମାର ସାହୁ ଏବଂ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ନୂଆଗାଁ ରୋଡ ଷ୍ଟେସନ ଠାରେ ଏବଂ ସାଂସଦ (ଲୋକସଭା) ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ, ବିଧାୟକ ସୁରେଶ କୁମାର ରାଉତରାୟ ଏବଂ ସୁଶାନ୍ତ କୁମାର ରାଉତ ପ୍ରମୁଖ ଖୋର୍ଦ୍ଧା ରୋଡ ଷ୍ଟେସନ ଠାରେ ଏହି ଅବସରରେ ଯୋଗଦାନ କରିବେ ରେ ଏହି ଉତ୍ସବକୁ ଅନୁଗ୍ରହ ପ୍ରଦାନ କରିବେ । ଶ୍ରୀ ବୈଷ୍ଣବ ମଧ୍ୟ ପୁରୀ ଷ୍ଟେସନ ଠାରେ ଯାତ୍ରୀମାନଙ୍କ ସୁବିଧା ନୀରିକ୍ଷଣ କରିବା ସହିତ ରଥ ଯାତ୍ରା ପାଇଁ ଜନସାଧାରଣଙ୍କୁ ବିଭିନ୍ନ ସୁବିଧା ଗୁଡିକର ଶୁଭାରମ୍ଭ କରିବେ ।

ଡ଼ାହାଣୀବୁଡ଼ା ଗ୍ରାମର ସମସ୍ୟା : ଗ୍ରାମବାସୀଙ୍କ ଅଭିଯୋଗ ବ୍ୟାଙ୍କ କରୁନାହିଁ ସହଯୋଗ

ଉଦଳା, ୨୯/୦୬ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ ଡ଼ାହାଣୀବୁଡ଼ାଗ୍ରାମକୁ ନଡ଼ା ଛପରର ଗ୍ରାମ ବୋଲି କୁହାଯାଉଛି । ଏଠାରେ ବର୍ତ୍ତମାନ ମଧ୍ୟ ଅଧିକାଂଶ ଲୋକଙ୍କ ବାସଗୃହ ମାଟିକାନ୍ଥ ଓ ନଡ଼ା ଛପର ଅଟେ । ସରକାର ଯୋଗାଇଦେଉଥିବା ବିଜୁ ପକ୍କାଘର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ପାଇବାରେ ଏଠାରେ ବହୁ ଲୋକ ବଞ୍ଚିତ ଅଛନ୍ତି । ଲୋକଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ବର୍ତ୍ତମାନ ଛାତଘରଯିଏ ନିର୍ମାଣ କରିବାକୁ ଲୋକେ ସାହାସ ବାନ୍ଧିପାରୁ ନାହାଁନ୍ତି । ଲୋକଙ୍କୁ କାମଧନ୍ଦା ଯୋଗାଇ ଦେବା ପାଇଁ ସରକାରଙ୍କ ତରଫରୁ କୌଣସି ପଦକ୍ଷେପ ମଧ୍ୟ ନିଆଯାଉନାହିଁ । ସେହିପରି ସଲାର ଯୋଗେ ପିଇବା ପାଣିର ବ୍ୟବସ୍ଥା ବିଭିନ୍ନ ଗ୍ରାମରେ କରାଯାଇଥିଲେ ମଧ୍ୟ ଡ଼ାହାଣୀବୁଡ଼ା ଗ୍ରାମରେ ଏପର୍ଯ୍ୟନ୍ତ ହୋଇନାହିଁ । ଗ୍ରାମପାର୍ଶ୍ୱ ଦେଇ ପ୍ରବାହିତ ନାଲୁହା ନଦୀରେ ପଥରବନ୍ଧ ଓ ଘାଟ ନିର୍ମାଣ ପାଇଁ ଗ୍ରାମବାସୀ ମାନେ ବାରମ୍ବାର ଦାବୀ କରିଆସିଛନ୍ତି । ଗ୍ରାମରେ ଅନେକ ଗୁଡ଼ିଏ ସ୍ୱୟଂସହାୟକ ଗୋଷ୍ଠୀ ଗଢ଼ି ଉଠିଛି । ଗ୍ରାମର ଉନ୍ନତି ପାଇଁ ଏହିସବୁ ଗୋଷ୍ଠୀ ମାନେ ବହୁ ପ୍ରକାର ଉଦ୍ୟମ କରୁଥିଲେ ମଧ୍ୟ ବ୍ୟାଙ୍କର ଅସହଯୋଗ ଯୋଗୁଁ କିଛି କାମ ହୋଇପାରୁ ନାହିଁ ବୋଲି ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ତେବେ ଏ ବାବଦରେ କେଉଁ ବ୍ୟାଙ୍କ ସହଯୋଗ କରୁନାହିଁ ବୋଲି ପ୍ରଶ୍ନ କରିବାରୁ ଗ୍ରାମବାସୀ ମାନେ ସିଧାସଳଖ ଉତ୍ତର ଦେଲେ 'ବ୍ୟାଙ୍କ ଅଫ ଇଣ୍ଡିଆ' । ଡ଼ାହାଣୀବୁଡ଼ା ଗ୍ରାମର ବିକାଶ ପାଇଁ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।

ODISHA STAFF SELECTION COMMISSION
Unit-II, Bhubaneswar-751001

No.-IIE-100/2019-4446/OSSC Date : 29.06.2022

NOTICE

A tentative calendar of Examinations for the month of July, 2022 and August, 2022 are enclosed herewith for information of candidates. The candidates are advised to be in constant touch with the website www.oss.gov.in for further updates.
The schedule of Examinations is subject to change.

By order of the Commission,
Secretary

July-2022

Sl. No.	Name of the Post	Advertisement No. with date	Type of Examination/Test	Date of Examination/Test
1	Junior Clerk-2019	No.4697/OSSC dtd.30.12.2019	Computer Skill Test	02.07.2022
2	Junior Assistant (HOD)-2021	No.4106/OSSC dtd.17.12.2021	Main written Exam.	03.07.2022 & 14.07.2022
3	Assistant Librarian-2021	No.4340/OSSC dtd.23.12.2021	Main written Exam.	11.07.2022
4	Programmer-2021	No.4334/OSSC dtd.23.12.2021	Main written Exam.	11.07.2022
5	Amin-2016	No.4191/OSSC dtd.24.12.2022	Certificate Verification	12.07.2022
6	Auditor-2019	No.4528/OSSC dtd.21.12.2019	Certificate Verification	12.07.2022 & 13.07.2022
7	Weaving Supervisor-2019	No.4195/OSSC dtd.21.12.2021	Certificate Verification	13.07.2022 (first half)
8	Weaving Supervisor-2021	No.4195/OSSC dtd.21.12.2021	Certificate Verification	13.07.2022 (Second half)
9	Receiptionist-2019 under OSSC	No.4595/OSSC dtd.24.12.2019	Main written Exam.	13.07.2022
10	Junior Fisheries Technical Assistant-2021	No.4347/OSSC dtd.24.12.2021	Main written Exam.	15.07.2022
11	Field Assistant	No.4229/OSSC dtd.22.12.2021	Certificate Verification	16.07.2022
12	Junior Clerk, Junior Clerk-Cum-Typist, Typist-Cum-Scribe Assistant-2019	No.4691/OSSC dtd.30.12.2019	Transcription Test	19.07.2022
13	Sub-Inspector of Excise-2021	No.4319/OSSC dtd.23.12.2021	Main written Exam.	23.07.2022 & 24.07.2022
14	Technical Assistant-2021 (Director of Textiles)	No.4313/OSSC dtd.23.12.2021	Main written Exam.	24.07.2022
15	Civil Defense Inspector		PET	24.07.2022
16	Junior Clerk-2019(Fisheries)	No.4697/OSSC dtd.30.12.2019	Certificate Verification	28.07.2022
17	Traffic Constable-2021	No.4328/OSSC dtd.23.12.2021	Written Exam.	30.07.2022 & 31.07.2022
18	Junior Stenographer, 2021	N.3837/OSSC dtd. 04.12.2021	Certificate verification	30.07.2022 & 31.07.2022

August-2022

Sl. No.	Name of the Post	Advertisement No. with date	Name of the examination	Date of Examination
1	Receiptionist-2019 under OSSC	No.4595/OSSC dtd.24.12.2019	Computer Skill Test	03.08.2022
2	Programmer-2021	No.4334/OSSC dtd.23.12.2021	Practical Test	04.08.2022
3	Asst. Librarian-2021	No.4340/OSSC dtd.23.12.2021	Computer Skill Test	05.08.2022
4	Civil Defense Inspector / Sr. Store Instructor	No.4559/OSSC dtd.31.12.2020	Viva-Voce Test	05.08.2022 & 06.08.2022
5	Junior Assistant (HOD)-2021	No.4106/OSSC dtd.17.12.2021	Computer Skill Test	06.08.2022
6	Junior Fisheries Technical Assistant	No.4347/OSSC dtd.24.12.2021	Certificate Verification	10.08.2022
7	Technical Assistant-2021 (Director of Textiles)	No.4313/OSSC dtd.23.12.2021	Certificate Verification	16.08.2022
8	Junior Clerk-Cum Typist, 2019 (Law)	No.4691/OSSC dtd.30.12.2019	Certificate Verification	16.08.2022 & 17.08.2022
9	Receiptionist-2019 under OSSC	No.4595/OSSC dtd.24.12.2019	Viva-Voce Test	19.08.2022
10	Sub-Inspector of Traffic-2021	No.4295/OSSC dtd.23.12.2021	Main written Exam	21.08.2022
11	Sub-Inspector of Excise-2021	No.4139/OSSC dtd.23.12.2021	PET	22.08.2022 & 23.08.2022
12	Asst. Librarian-2021	No.4340/OSSC dtd.23.12.2021	Certificate Verification	24.08.2022
13	Traffic Constable -2021	No.4328/OSSC dtd.23.12.2021	PET	25.08.2022 & 26.08.2022
14	Group-'C' Technical Post under Odisha Govt. Press	No.4765/OSSC dtd.31.12.2019	Main written Exam.	29.08.2022
15	Junior Assistant (HOD)-2021	No.4106/OSSC dtd.17.12.2021	Certificate Verification	29.08.2022 & 30.08.2022
16	Programmer-2021	No.4334/OSSC dtd.23.12.2021	Viva-voce test	30.08.2022

OIPR : 09005/11/0079/2223

କୁନି କଳାକାରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବାରିପଦା, ୨୯/୦୬ (ନି.ପ୍ର): ସ୍ପନ୍ଦନ ଟିଭି ଦ୍ୱାରା ଆୟୋଜିତ ରିଏଲିଟି ସୋ ରଜର ରାଣୀ ଆମ ଓଡିଆଣୀ ର ଗ୍ରାଣ୍ଡ ଫାଇନାଲରେ ରାଧାରାଣୀ ଓ ଦୟାଭାଇ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପଂଚମ ଶ୍ରେଣୀରେ ପଢୁଥିବା ଛାତ୍ରୀ ଏମ୍.ସାଇ ଜ୍ୟୋତି ଓ ଏମ୍.ସାଇ ପ୍ରୀତି ଦୁଇ ଯାଆଁଳା ଭଉଣୀ ଫାଇନାଲିଷ୍ଟ ହୋଇଥିବା ବେଳେ, ଏମ୍.ସାଇ ଜ୍ୟୋତି ରନର୍ସ ଅଫ ଓ ଏମ.ସାଇ ପ୍ରୀତି ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରୁ ୬ଷ୍ଠ ସ୍ଥାନ ଅଧିକାର କରିଥିଲେ । ଏହି ସଫଳତା ପାଇଁ ବାରିପଦାର କୃଷ୍ଣଚନ୍ଦ୍ର ଗୋଲେଇ ପାଖରୁ ଏକ ସ୍ୱାଗତ ସଭାଯାତ୍ରା ଆରମ୍ଭ ହୋଇ ଦକ୍ଷିଣସାହି ଛଉ ପ୍ରତିଷ୍ଠାନର ବରିଷ୍ଠ ସଦସ୍ୟ କାର୍ତିକେଶ୍ୱର ରଣା ତାଙ୍କୁ ସମ୍ବର୍ଦ୍ଧନା ଦେବା ପରେ ବାରିପଦା ୱାର୍ଡ ନଂ୨୧ ର ୱାର୍ଡ କାଉଁନସିଲର ଲକ୍ଷ୍ମୀଧର ହାବଡ଼ା, ଅଧର ଗିରି ତଥା ମୁର୍ଗାବାଡିରେ ଉପସ୍ଥିତ ଥିବା ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ । ଶେଷରେ ଗୁହିରାଡିହି ଗ୍ରାମର ଲୋକମାନେ ତାଙ୍କୁ ବନ୍ଦାପନା କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ, ଏଥିରେ ତାଙ୍କ ପିତା-ରାଜକିଶୋର ମହାନ୍ତ ଓ ମାତା-ବନପ୍ରଭା ମହାନ୍ତ, ନୃତ୍ୟଗୁରୁ-ଦିପୁ ଧଡା, ଫରେନ ନାରାୟଣ ଧଡା ଓ ସୁରୋଜ କୁମାର ପୁଷ୍ଟିଙ୍କୁ ମଧ୍ୟ ସରପଂଚ ପାନମଣି ହାଁସଦା ପୁଷ୍ପ ଗୁଚ୍ଛ ଦେଇ ସମ୍ମାନିତ କରିଥିଲେ । ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଗୁହିରାଡିହିର କମିଟି ମେୟର କାଳିଚରଣ ବାରିକ, ମାନସ ମହାପାତ୍ର, ହାଡିବନ୍ଧୁ ଘୋଷ, ମହେଶ କୁମାର ବେରା, କୁନୁ ସିଂ, ସଂଜୀବ କୁମାର ଘୋଷ, ଜାମିନୀକାନ୍ତ ବେହେରା, ବିଜୟ କୁମାର ଲେଙ୍କା ଓ ବାବୁ ଭାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ଶେଷରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ଗୋଟିଏ ଦିନରେ ୧୬୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୯/୦୬ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୬୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୯୬୦୨ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୨୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୯୭୯୪ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୬୨୯ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୯୫ ଜଣ ସଂଗରୋଧରୁ ଓ ୬୬ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୫ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାରୁ ୮, ଭଦ୍ରକ ଜିଲ୍ଲାରୁ ୩, କଟକ ଜିଲ୍ଲାରୁ ୩୨. ଜଗତସିଂହପୁର ଜିଲ୍ଲାରୁ ୩, ଯାଜପୁର ଜିଲ୍ଲାରେ ୨. ଝାରସୁଗୁଡା ଜିଲ୍ଲାରୁ ୩, କେନ୍ଦୁଝର ଜିଲ୍ଲାରୁ ୧, ଖୋର୍ଧା ଜିଲ୍ଲାରୁ ୬୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

ବାଲେଶ୍ୱରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପୁଣ୍ୟତିଥି

ବାଲେଶ୍ୱର,୨୯/୦୬ (ନି.ପ୍ର): ସେବା ଓ ତ୍ୟାଗର ପ୍ରତୀକ ତଥା ଦୈନିକ ଓଡ଼ିଆ ଖବରକାଗଜ 'ସମାଜ'ର ପ୍ରତିଷ୍ଠାତା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୪ତମ ପୁଣ୍ୟତିଥି ବୁଧବାର ବାଲେଶ୍ୱରରେ ପାଳିତ ହୋଇଯାଇଛି । ସମାଜ ଉତ୍ତର ଓଡ଼ିଶା ସଂସ୍କରଣ ପକ୍ଷରୁ ପ୍ରଥମେ ପ୍ରାତଃକାଳରେ ତିଳତର୍ପଣ କରାଯାଇଥିଲା । ସ୍ଥାନୀୟ ମିର୍ଜା ପୋଖରୀଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ, ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି, ସ୍ଥାନୀୟ କାଉନସିଲର ପଦ୍ମଲୋଚନ ଲେଙ୍କା, କବି ପ୍ରଶାନ୍ତ ଦାସ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିନୟ କୁମାର ମହାନ୍ତି, ଶ୍ରମିକନେତା ଅରୁଣ କୁମାର ସ୍ୱାଇଁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଏଥିରେ ଯୋଗଦେଇ ତିଳ ତର୍ପଣ ସହ ପୁଣ୍ୟାତ୍ମାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସମାଜ ଉତର ଓଡ଼ିଶା ସଂସ୍କରଣ ମୁଖ୍ୟ ମଧୁସୂଦନ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲେଶ୍ୱର ବ୍ୟୁରୋ ମୁଖ୍ୟ କୁଳମଣି ବାରିକ, ଡେସ୍କ ଇନଚାର୍ଜ ଶଶିରଞ୍ଜନ ମଲିକ, ଜିଲା ପ୍ରତିନିଧି ରତିକାନ୍ତ ପାଢ଼ୀ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ । ପରେ ସ୍ଥାନୀୟ ଗୋପବନ୍ଧୁ ପାର୍କରେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯାଇଥିଲା । ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ପୌରାଧ୍ୟକ୍ଷା ଶ୍ରୀମତୀ ସାହୁ, କବି ପ୍ରଶାନ୍ତ ଦାସ, ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି, ଗଙ୍ଗାଧର ରାଉତ, ଶିବଦାସ କୁଣ୍ଡୁ, ଫକୀର ମୋହନ ସାହିତ୍ୟ ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ସମାଜସେବୀ ଅଞ୍ଜଳି ପଣ୍ଡାଙ୍କ ସମେତ ଗିରୀଶ ଦାସ, ଲକ୍ଷ୍ମୀଧର ବେହେରା, କବି ଅଭୟ ଦାସ, କଳାକ୍ଷେତ୍ର ଅଧ୍ୟକ୍ଷ ନିକୁଞ୍ଜ ବିହାରୀ ଦାସ, ପୂର୍ବତନ ପୌରପାଳ ଆଲୋକ କୁମାର ସାହୁ, ଗୌରାଙ୍ଗ ପାଣିଗ୍ରାହୀ, ରାଜେଶ ଗିରି, ଡ.ହରିଶ୍ଚନ୍ଦ୍ର ବେହେରା, ନିରଞ୍ଜନ ପରିଡ଼ା, ଅଶୋକ ସେନାପତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏଥିରେ ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଉତ୍କଳମଣିଙ୍କ ଜୀବନାଦର୍ଶକୁ ମନେ ପକାଇଥିଲେ ।

'ଅଗ୍ନିପଥ' ଯୋଜନାକୁ ବାଲେଶ୍ୱରରେ ଦୃଢ଼ ବିରୋଧ

ବାଲେଶ୍ୱର,୨୯/୦୬ (ନି.ପ୍ର): କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷିତ ଅଗ୍ନିପଥ ଯୋଜନାକୁ ବାମପନ୍ଥୀ ଯୁବ ଛାତ୍ର ସଂଗଠନମାନଙ୍କ ପକ୍ଷରୁ ଦୃଢ଼ ବିରୋଧ କରାଯାଇଛି । ଏହି ପରିପ୍ରେକ୍ଷୀରେ ବୁଧବାର ପୂର୍ବାହ୍ନରେ ବିଚାରଗଞ୍ଜ ଛକରୁ ଯୁବଛାତ୍ରମାନଙ୍କର ଏକ ଶୋଭାଯାତ୍ରା ବାହାରି ବାଲେଶ୍ୱର ଜିଲ୍ଲାପାଳଙ୍କ ଫାଟକ ସମ୍ମୁଖରେ ପହଞ୍ଚିଥିଲା । ସେଠାରେ ବିକ୍ଷୋଭ ପ୍ରଦର୍ଶନ ସହ ଯୁବନେତା ତପନ ସିଟ୍‌ଙ୍କ ଅଧ୍ୟକ୍ଷତାରେ ଏକ ପତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଅଗ୍ନିପଥ ଯୋଜନାରେ ପ୍ରତିରକ୍ଷା ବିଭାଗରେ ୪ବର୍ଷିଆ ଠିକା ସୈନିକ ନିଯୁକ୍ତିକୁ ବକ୍ତାମାନେ ପ୍ରତ୍ୟାହାର ପାଇଁ ଦାବି କରିଥିଲେ । ୨୦୧୯ ମସିହାରୁ ପ୍ରତିରକ୍ଷା ବିଭାଗରେ ନିଯୁକ୍ତି ପାଇଁ ଯୋଗ୍ୟ ଆବେଦନକାରୀମାନଙ୍କୁ ପ୍ରଥମେ ନିଯୁକ୍ତି ଦେବାକୁ ସେମାନେ ଦାବି କରିଥିଲେ । ୪ବର୍ଷ ଚାକିରି ପରେ ପେନସନ୍ କିମ୍ବା ଅନ୍ୟ କୌଣସି ସ୍ଥାୟୀ ନିଯୁକ୍ତିର ବ୍ୟବସ୍ଥା ନଥିବାରୁ ଏହି ଯୋଜନା ଅଧିକ ବେକାରୀ ସୃଷ୍ଟି କରିବ ବୋଲି ସେମାନେ ମତ ଦେଇଥିଲେ । ପ୍ରତିରକ୍ଷା ବିଭାଗ ଦେଶର ସୁରକ୍ଷା ପାଇଁ ଏକ ସ୍ଥାୟୀ ସଂସ୍ଥା ହୋଇଥିବାବେଳେ ଅସ୍ଥାୟୀ ନିଯୁକ୍ତି କାହିଁକି ବୋଲି ସେମାନେ ସରକାରଙ୍କୁ ପ୍ରଶ୍ନ କରିଥିଲେ । କେନ୍ଦ୍ର ସରକାର ନିର୍ବାଚନବେଳେ ଦେଶବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତିଗୁଡ଼ିକୁ କାର୍ଯ୍ୟକାରୀ ପାଇଁ ସେମାନେ ଦାବି କରିଥିଲେ । ଯଦି କେନ୍ଦ୍ର ସରକାର ଏହି ଯୋଜନାକୁ ପ୍ରତ୍ୟାହାର ନକରନ୍ତି ତେବେ ବ୍ୟାପକ ଆନ୍ଦୋଳନ ପାଇଁ ସେମାନେ ଚେତାବନୀ ଦେଇଥିଲେ । ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ବିଭିନ୍ନ ଯୁବ ଓ ଛାତ୍ର ସଂଗଠନ ପକ୍ଷରୁ କ୍ରୀଷ୍ଣା ରାଣୀ ସାହୁ, ପ୍ରଶାନ୍ତ କୁମାର ଦାସ, ପ୍ରେମରଂଜନ ପାତ୍ର, ଆରତୀ ମେହେର, ପୂର୍ବତନ ଛାତ୍ରନେତା ତଥା ସରପଞ୍ଚ ଷ୍ଟାଲିନ୍ ମିଶ୍ର, ଆଇନଜୀବୀ ନିରଞ୍ଜନ ପରିଡ଼ା, ଓ୍ୱତନ ରାଜ୍, ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ କେନ୍ଦ୍ରସରକାରଙ୍କ ଠିକା ନିଯୁକ୍ତି ଓ ଘରୋଇକରଣ ନୀତିକୁ ଦୃଢ଼ ସମାଲୋଚନା କରିଥିଲେ । ସୁଶାନ୍ତ ଜେନା, କୃଷ୍ଣ ପଟ୍ଟାୟତ, ସୁଜିତ୍ ଦାସ, ଚନ୍ଦ୍ରମୋହନ ସୋରେନ୍, ସୁଦର୍ଶନ ଆଚାର୍ଯ୍ୟ, ରାମଚନ୍ଦ୍ର ମହାରଣା, ମଣ୍ଟୁ ନାୟକ ଓ ଅଜୟ ଦାସ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ । ନିରାକାର ପାଣ୍ଡବ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ଭଦ୍ରକ : ଇପିଏଫ୍ ଓ ଶ୍ରମ ଆଇନ୍ ଉପରେ ଧାମରା କୋର୍ଟରେ ଦିନିକିଆ କର୍ମଶାଳା । ଆସିଷ୍ଟାଣ୍ଟ କମିଶନର ଇପିଏଫ୍, ଭୁବନେଶ୍ୱର ଶାଖାର ସନତ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଇପିଏଫ୍ ସମ୍ବନ୍ଧିତ ନିୟମ ସମ୍ବନ୍ଧରେ ଧାମରା କୋର୍ଟରେ କାର୍ଯ୍ୟରତ ଠିକାଦାର ଓ ଠିକା କର୍ମଚାରୀ ମାନଙ୍କୁ ଅବଗତ କରାଇଥିଲେ । ଭଦ୍ରକ ଜିଲ୍ଲାର ଆସିଷ୍ଟାଣ୍ଟ ଲେବର ଅଫିସର ପ୍ରେମ ମଞ୍ଜରୀ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ